# Odisha Legislative Assembly

**ପଞ୍ଚଦଶ ଅଧିବେଶନ**

# ୦୮ ଫେବୃୟାରୀ ୨୦୨୪

----

: **[ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି - ଯୋଜନା ଓ ସଂଯୋଜନ - ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା - ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ - କ୍ରୀଡା ଓ ଯୁବକଲ୍ୟାଣ - ବାଣିଜ୍ୟ - ପରିବହନ - ଆଇନ ଜଳ ସମ୍ପଦ ].**

**ମୋଟ ପ୍ରଶ୍ନର ସଂଖ୍ୟା - 137**

----

## ପାନୀୟଜଳ ଯୋଗାଣ ପ୍ରକଳ୍ପ ପାଇଁ ପରିବେଶ ମଞ୍ଜୁରୀ

132 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପ୍ରତି ନଦୀରେ ସମୁଦାୟ କେତେଗୋଟି ଜଳ ଶୋଷଣକାରୀ ଯୋଜନା ତଥା ପାନୀୟ ଜଳ, ଉଠା ଜଳସେଚନ, ଶିଳ୍ପାଞ୍ଚଳ ଜଳ ଯୋଗାଣ, କୃଷି ପାଇଁ ନଦୀ ବନ୍ଧ ଓ କେନାଲ ଆଦି କରାଯାଇଅଛି ଓ ସେ ସବୁର ସମୁଦାୟ ଜଳ ଶୋଷଣର ଆବଶ୍ୟକତା କେତେ ତାହା ପ୍ରକାଶ କରିବେ କି, ଖରାଦିନେ ସେହି ନଦୀର ଜଳଧାରଣ କ୍ଷମତା ଠାରୁ କେତେ କମ୍ ବା ଅଧିକ ତାହାର ପ୍ରକୃତ ସର୍ଭେ ଓ ଆକଳନ କେଉଁ ସଂସ୍ଥା ଦ୍ୱାରା କେତେ କରାଯାଇଛି, ଏହି ମେଗା ପ୍ରକଳ୍ପ ଗୁଡିକର ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ପ୍ରସ୍ତୁତିରେ ଏ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଅଛି କି, କେଉଁ କେଉଁ ନଦୀର କେଉଁ କେଉଁ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ପରିବେଶ ମଞ୍ଜୁରୀ ଆବଶ୍ୟକ ହୋଇଛି ଓ କେଉଁ କେଉଁ ପ୍ରକଳ୍ପ ପାଇଁ ପରିବେଶ ମଞ୍ଜୁରୀ ହାସଲ ହୋଇସାରିଛି ?

----

## IDF ଅନୁଦାନ ରିଲିଜ୍

268 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) 2022-23 ଏବଂ 2023-24 ରେ ମାନ୍ୟବର ବିଧାୟକ ଏବଂ ବ୍ଲକମାନଙ୍କ ଦ୍ୱାରା IDF ଅନୁଦାନ ପାଇଁ ସୁପାରିଶ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଅନୁଦାନ ରିଲିଜ୍ ନହେବାର କାରଣ କଣ ; (ଖ) କେଉଁ ସମୟ ସୀମା ଭିତରେ ରାଜ୍ୟ ସରକାର IDF ଅନୁଦାନ ରିଲିଜ୍ କରିବେ?

----

## ନିମ୍ନମାନର ଲାଇନିଂ କାର୍ଯ୍ୟ

269 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ରାଜ୍ୟ ସରକାରଙ୍କ ଲୋଅର ଇନ୍ଦ୍ର କ୍ଷୁଦ୍ର ପ୍ରକଳ୍ପର ଲାଇନିଂ କାର୍ଯ୍ୟ କେଉଁ ଠିକାଦାର ଟେଣ୍ଡର ପାଇ କାର୍ଯ୍ୟ କରୁଛନ୍ତି ; (ଖ) ଏହି ଲାଇନିଂ କାର୍ଯ୍ୟ ଅତି ନିମ୍ନ ମାନର ହୋଇଥିବା ସରକାର ଜାଣନ୍ତି କି?

----

## ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା

270 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

କଟକ ଜିଲ୍ଲାରେ ଜଳ ନିଷ୍କାସନ ବ୍ୟବସ୍ଥା ସୁସମ୍ପାଦନ ସହ ଜଳ ପରିଚାଳନା ସହିତ ଜଳବନ୍ଦୀ ରୋକିବାକୁ ସରକାର କି ପଦକ୍ଷେପ ନେବାକୁ ଯାଉଛନ୍ତି?

----

## ମହିଳା ଶ୍ରମିକଙ୍କ କଲ୍ୟାଣ ପାଇଁ ପଦକ୍ଷେପ

271 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ମହିଳା ଶ୍ରମିକମାନଙ୍କ କଲ୍ୟାଣ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି?

----

## ଜଳଭଣ୍ଡାର ନିର୍ମାଣ କରି ଜଳ ପରିଚାଳନା

272 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟର କେଉଁ କେଉଁ ନଦୀରେ ଜଳଭଣ୍ଡାର ନିର୍ମାଣ କରି ଜଳ ପରିଚାଳନା ନିମନ୍ତେ ସରକାରଙ୍କ ପ୍ରସ୍ତାବ ଅଛି ; ଏହାର କାର୍ଯ୍ୟକାରିତା ପାଇଁ କି ପଦକ୍ଷେପ ନିଆଯାଉଅଛି?

----

## ଅନୁସୂଚିତ ଜନଜାତି ଓ ଜାତି ମାନଙ୍କର ସ୍ୱାକ୍ଷରତା ହାର

273 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଓ ପଛୁଆବର୍ଗଙ୍କ ସ୍ୱାକ୍ଷରତା ହାର କେତେ ପ୍ରକାଶ କରି ସେମାନଙ୍କୁ ଶିକ୍ଷାର ଆଲୋକ ପ୍ରଦାନ ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି?

----

## ଚେକ୍ ଡ୍ୟାମ୍ ମାଧ୍ୟମରେ ଜଳସେଚନ

274 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଢେଙ୍କାନାଳ ଜିଲ୍ଲାରେ ଚେକ୍ ଡ୍ୟାମ୍ ମାଧ୍ୟମରେ ଜଳସେଚନ ବ୍ୟବସ୍ଥାର ଉନ୍ନତିକରଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଶ୍ରମିକମାନଙ୍କ କଲ୍ୟାଣ ପାଇଁ ପଦକ୍ଷେପ

275 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ନଦୀ ଶଯ୍ୟାରେ ଜଳାଶୟ ଖନନ

276 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଅନୁଗୋଳ ଜିଲ୍ଲାରେ କେଉଁ ନଦୀ ଶଯ୍ୟାରେ ଜଳାଶୟ ଖନନ କରି ଜଳ ସଂରକ୍ଷଣ ସହ ଜଳସେଚନ ବ୍ୟବସ୍ଥା ସୁସଂହତି ପାଇଁ ସରକାରଙ୍କ ପ୍ରସ୍ତାବ ଅଛି, ତାହାର କାର୍ଯ୍ୟକାରିତା ନିମନ୍ତେ କି ପଦକ୍ଷେପ ନିଆଯାଉଅଛି ?

----

## ଆବାସିକ ବିଦ୍ୟାଳୟ ଶିକ୍ଷାର ମାନବୃଦ୍ଧି

277 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ କଲ୍ୟାଣ ବିଭାଗ ପରିଚାଳିତ ଆବାସିକ ଓ ବିଦ୍ୟାଳୟ ମାନଙ୍କରେ ଶିକ୍ଷାର ମାନବୃଦ୍ଧି ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## କ୍ରୀଡା ଭିତ୍ତିଭୂମି ଉନ୍ନୟନ

278 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାରେ କ୍ରୀଡା ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ନିରନ୍ତର ଜଳ ପରିଚାଳନା ଓ ରୂପରେଖ

279 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟ ଜଳ ସଂପଦ ବିଭାଗ ଓ UNICEF ମଧ୍ୟରେ ସ୍ୱାକ୍ଷରିତ ନିରନ୍ତର ଜଳ ପରିଚାଳନା ଚୁକ୍ତିର ସବିଶେଷ ରୂପରେଖ କଣ ଓ ଏହି ଲକ୍ଷ୍ୟ କେବେସୁଦ୍ଧା ହାସଲ ହେବ, ମୋ ନଦୀ ଅଭିଯାନ ଯୋଜନାର ଆଭିମୁଖ୍ୟ ଓ ଅଟକଳ ସଂପର୍କିତ ସବିଶେଷ ସୂଚନା ଦେବେ କି?

----

## ପଛୁଆ ବର୍ଗ ଓ ସଂଖ୍ୟାଲଘୁ ସଂପ୍ରଦାୟ ପାଇଁ ଯୋଜନା କାର୍ଯ୍ୟକାରୀ

280 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ପଛୁଆ ବର୍ଗ ଓ ସଂଖ୍ୟାଲଘୁ ସଂପ୍ରଦାୟ ପାଇଁ କି କି କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ ହେଉଛି ତାର ଏକ ବିବରଣୀ ଦେବେ କି, ଉପରୋକ୍ତ ବର୍ଗ ପାଇଁ ଶିକ୍ଷା ଓ ନିଯୁକ୍ତିରେ କେତେ ପ୍ରତିଶତ ସଂରକ୍ଷଣ ରହିଛି କହିବେକି?

----

## ଜଳସେଚନ ବ୍ୟବସ୍ଥା ସଂପ୍ରସାରଣ

281 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ ଜଳସେଚନ ବ୍ୟବସ୍ଥା ସଂପ୍ରସାରଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଜନଜାତିଙ୍କ ଆର୍ଥିକ ଅଭିବୃଦ୍ଧି

282 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଅନୁସୂଚିତ ଜନଜାତିଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି?

----

## ଆଡ଼ିବନ୍ଧ ନିର୍ମାଣ କରି ଜଳସେଚନ

283 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

କଳାହାଣ୍ଡି ଜିଲ୍ଲାରେ ବିଗତ ତିନି ବର୍ଷରେ କେଉଁ ନଦୀରେ କେତେ ଜଳ ପ୍ରବାହିତ ହୋଇଛି, ପ୍ରକାଶକରି ଆଡ଼ିବନ୍ଧ ନିର୍ମାଣକରି ଜଳସେଚନ ବ୍ୟବସ୍ଥା ତ୍ୱରାନ୍ୱିତ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ସ୍ଥାୟୀ ବନ୍ୟା ନିୟନ୍ତ୍ରଣ ପାଇଁ ପଦକ୍ଷେପ

284 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାଲେଶ୍ୱର ଜିଲ୍ଲାରେ ସ୍ଥାୟୀ ବନ୍ୟା ନିୟନ୍ତ୍ରଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଅଧିକ ସଂଖ୍ୟକ ଛାତ୍ରାବାସ ନିର୍ମାଣ

285 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ବାଲେଶ୍ୱର ଜିଲ୍ଲାରେ କେଉଁ ଶିକ୍ଷାନୁଷ୍ଠାନରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ପଛୁଆବର୍ଗଙ୍କ ପାଇଁ କେତେ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଓ ଛାତ୍ରୀନିବାସ ପ୍ରତିଷ୍ଠା ହୋଇଛି, ନିର୍ମାଣାଧିନ ଓ ପ୍ରସ୍ତାବାଧିନ ଅଛି, ଅଧିକ ପିଲାଙ୍କୁ ଆବାସିକ ଶିକ୍ଷାର ସୁଯୋଗ ଦେବାପାଇଁ ଅଧିକ ଛାତ୍ରାବାସ ଓ ଛାତ୍ରୀନିବାସ ପ୍ରତିଷ୍ଠା ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଚାଷ ଜମିକୁ ଜଳସେଚନ ସୁବିଧା

286 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଓଡ଼ିଶାରେ କେତେ ଚାଷପୋଯୋଗୀ ଜମି ରହିଛି ଓ ସେଥି ମଧ୍ୟରୁ ଏବେ କେତେ ଜମି ରବି ଋତୁରେ ଓ କେତେ ଜମି ଖରିଫ ଋତୁରେ ଜଳସେଚନ ସୁବିଧା ପାଉଛନ୍ତି ତାହାର ଏକ ଜିଲ୍ଲାୱାରୀ ବିବରଣୀ ଉପସ୍ଥାନ କରିବେ କି; ରାଜ୍ୟର ସମସ୍ତ ଚାଷପୋଯୋଗୀ ଜମିକୁ ଜଳସେଚିତ କରିବାପାଇଁ ରାଜ୍ୟ ସରକାରଙ୍କର ଯୋଜନା ରହିଛି କି ଏବଂ ଯଦି ଏଭଳି ଯୋଜନା ଥାଏ ତେବେ କେଉଁ ସମୟସୀମା ସୁଦ୍ଧା ସମସ୍ତ ଚାଷପଯୋଗୀ ଜମିକୁ ଜଳସେଚିତ କରାଯାଇ ପାରିବ ?

----

## ଅନୁଷ୍ଠିତ ହୋଇଥିବା ରାଜ୍ୟ ଆଇନ କମିଶନର ସର୍ବଶେଷ ବୈଠକ

287 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଆଇନ ବିଭାଗ ନିୟନ୍ତ୍ରଣରେ ଥିବା "ଲରିଭିଜନ କମିଟି" ଓ ରାଜ୍ୟ ଆଇନ କମିଶନର ସର୍ବଶେଷ ବୈଠକ କେବେ କେଉଁଠି ଅନୁଷ୍ଠିତ ହୋଇଥିଲା; ଏହି ଦୁଇଟି ସଂସ୍ଥାର ଅଧ୍ୟକ୍ଷଭାବେ ଏବେ କେଉଁମାନେ ଅଛନ୍ତି ଏବଂ ଏଗୁଡ଼ିକର ନିୟମିତ ଅଧ୍ୟକ୍ଷମାନଙ୍କ କାର୍ଯ୍ୟକାଳ କେବେଠାରୁ ଶେଷ ହୋଇଛି; ଏହି ଦୁଇ ସଂସ୍ଥାର ଅନ୍ୟ କେଉଁମାନେ ସଦସ୍ୟ ଅଛନ୍ତି ?

----

## ଆଶ୍ରମ ସ୍କୁଲକୁ Upgrade କରିବା

288 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟର ଯେଉଁ Tribal Area ରେ ନୂତନ ଗ୍ରାମ ପଞ୍ଚାୟତ ହୋଇଅଛି ତା'ର ଜିଲ୍ଲାୱାରୀ ତାଲିକା ଦେବେ କି, ଓ ଏ ସମସ୍ତ ପଞ୍ଚାୟତରୁ ଯେଉଁ ପଞ୍ଚାୟତରେ ସେବାଶ୍ରମ ରହିଅଛି ସେଠାରେ ଆଶ୍ରମ ଏବଂ ଯେଉଁଠାରେ ଆଶ୍ରମ ସ୍କୁଲ ଅଛି, ତାକୁ +2 Higher Secondary School କୁ Upgrade କରିବେ କି, ଯଦି କରିବେ ତା'ର ତାଲିକା ଦେବେ କି, ନର୍ଲା ନିର୍ବାଚନ ମଣ୍ଡଳୀର ମଦନପୁର ଆଶ୍ରମ ପାଇଁ କୋଠା ନିର୍ମାଣ ସହିତ +2 କୁ ଉନ୍ନତିକରଣ କରିବେ କି ?

----

## କେନ୍ଦ୍ରୀୟ ଜଳ ଆୟୋଗ ଦ୍ୱାରା Project ଅନୁମୋଦନ

289 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ରାଜ୍ୟର କେଉଁ କେଉଁ Project କେନ୍ଦ୍ରୀୟ ଜଳ ଆୟୋଗଙ୍କ ଅନୁମୋଦନ ଅପେକ୍ଷାରେ ରହିଅଛି ତା'ର ଏକ ତାଲିକା ଦେବେ କି ; (ଖ) ଉତ୍ତେଇ, ରାହୁଲ, Lower ଉଦନ୍ତୀ ଓ Upper ଉଦନ୍ତୀ ମହାନଦୀ Tribunal ଆଳରେ ବିଳମ୍ବ ହେଉଥିବା ସତ୍ୟ କି, ଯଦି ସତ୍ୟ ତା ହେଲେ ସରକାର ଏହାକୁ କାର୍ଯ୍ୟକାରୀ କରିବା ପାଇଁ କ'ଣ ବ୍ୟାରେଜ୍ ନିର୍ମାଣ କରିବା ପାଇଁ ଚିନ୍ତା କରୁଛନ୍ତି କି ?

----

## ସାନ୍ତାଳୀ ଭାଷାକୁ Linguistic Minority Status ପ୍ରଦାନ

290 **ଶ୍ରୀ ପ୍ରକାଶ ସୋରେନ୍ (ବାରିପଦା ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

**ଓଡ଼ିଶାରେ ଅଦ୍ୟାବଧି କେତୋଟି ଓ କେଉଁ କେଉଁ ଭାଷାକୁ Linguistic Minority Status ପ୍ରଦାନ କରାଯାଇଛି, ୨୦୦୩ ମସିହାରେ ଭାରତ ସମ୍ବିଧାନରେ ଅଷ୍ଟମ ଅନୁଚ୍ଛେଦରେ ସାମିଲ ହୋଇଥିବା ସାନ୍ତାଳୀ ଭାଷାକୁ Linguistic Minority Status ପ୍ରଦାନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି ?**

----

## କ୍ଷତିଗ୍ରସ୍ତ ଚାଷୀଙ୍କୁ ଅର୍ଥ ପ୍ରଦାନ

291 **ଶ୍ରୀ ପ୍ରକାଶ ସୋରେନ୍ (ବାରିପଦା ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ମୟୁରଭଞ୍ଜ ଜିଲ୍ଲାରେ ନିର୍ମିତ ହୋଇଥିବା ହଳଦିଆ ଓ ଜମ୍ବିରା ଡ୍ୟାମ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ପରିବାର ଓ ଚାଷୀ ମାନଙ୍କୁ ଅଦ୍ୟାବଧି କ୍ଷତି ପୂରଣ ଅର୍ଥ ପ୍ରଦାନ କରାଯାଇ ନାହିଁ, ସେମାନଙ୍କର ସଂଖ୍ୟା କେତେ, ଉକ୍ତ ଡ୍ୟାମ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ପରିବାର ଓ ଚାଷୀମାନଙ୍କୁ ତୁରନ୍ତ ସେମାନଙ୍କର ବକେୟା ଅର୍ଥ ପ୍ରଦାନ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ କି ?

----

## ଆଶ୍ରମ ସ୍କୁଲକୁ ଆବାସିକ ସ୍କୁଲଭାବେ ପରିବର୍ତ୍ତନ

292 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ରଣପୁର ନିର୍ବାଚନ ମଣ୍ଡଳୀ କଜଳେଇ ପଲ୍ଲୀଗ୍ରାମ ପଞ୍ଚାୟତ ଅଧିନରେ ଥିବା ଗ୍ରାମ ତଥା ବେଲରଗଡ଼ି, କୁନିପଡ଼ା ଖଲିସାହି ଓ ସିମିଳି ଆଦି ଗ୍ରାମର ଆଦିବାସୀ ପିଲାମାନଙ୍କର ଶିକ୍ଷାଦାନ ପାଇଁ ଉକ୍ତ ଅଞ୍ଚଳରେ ଏକ ଆବାସିକ ଆଶ୍ରମ ସ୍କୁଲ ପ୍ରତିଷ୍ଠା ପାଇଁ ଆବଶ୍ୟକ ପଦକ୍ଷେପ ନେବେ କି; (ଖ) ସେହିପରି ପଟିଆ ଗ୍ରାମ ପଞ୍ଚାୟତରେ ଥିବା ଆଶ୍ରମ ସ୍କୁଲଟିକୁ ଆବାସିକ ଆଶ୍ରମ ସ୍କୁଲଭାବେ ପରିବର୍ତ୍ତନ ପାଇଁ ବିହିତ ପଦକ୍ଷେପ ନେବେ କି ?

----

## ଜଳ ସଂରକ୍ଷଣ ପାଣ୍ଠି ଗଠନ

293 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଓଡିଶାର ବିଭିନ୍ନ ନଦୀ ନାଳରୁ ଜଳ ବ୍ୟବହାରକାରୀ ଶିଳ୍ପ ସଂସ୍ଥାଙ୍କ ଠାରୁ ଏକକାଳୀନ ଅନୁଦାନ ଆକାରରେ ଅର୍ଥ ସଂଗ୍ରହ କରି ଜଳ ସଂରକ୍ଷଣ ପାଣ୍ଠି ମାଧ୍ୟମରେ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକ୍ରମକୁ କେଉଁ କେଉଁ ମାନେ କେତେ ଅର୍ଥ ପ୍ରଦାନ କରିଛନ୍ତି ଓ କେଉଁ କେଉଁ ଶିଳ୍ପ ସଂସ୍ଥା ଜଳ ସଂରକ୍ଷଣ ପାଣ୍ଠି ଗଠନ ମାର୍ଗଦର୍ଶିକା / ନିଷ୍ପତ୍ତିକୁ ବିରୋଧ କରି ଉଚ୍ଚ ନ୍ୟାୟାଳୟରେ କେବେ ମାମଲା ଦାୟର କରିଛନ୍ତି, ସଂପୃକ୍ତ ମାମଲାର ସାଂପ୍ରତିକ ସ୍ଥିତି କ 'ଣ ରହିଛି, ମାମଲା ଉପରୁ ରହିତାଦେଶ ପ୍ରତ୍ୟାହାର ଏବଂ ବିୟର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର କେବେ କି କି ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ପ୍ରକାଶ କରିବେ କି, ଜଳ ସଂରକ୍ଷଣ ପାଣ୍ଠି ଗଠନ ହୋଇଥିଲେ କେଉଁ କେଉଁ ହାରରେ କେତେ ଅର୍ଥ ରାଶି ସଂଗ୍ରହ କରାଯାଇ କେତେ ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇପାରନ୍ତା ତାହା କହିବେ କି ?

----

## ଅନ୍ୟ ରାଜ୍ୟର ଯୋଜନା କାର୍ଯ୍ୟକାରୀ

294 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର)ଃ**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ସାରା ଦେଶରେ ଓଡିଶା ଅନ୍ୟ ରାଜ୍ୟ ପାଇଁ ବିଭିନ୍ନ କ୍ଷେତ୍ରରେ ଉଦାହରଣ ପାଲଟିଛି ଏବଂ ଓଡିଶାର ଭଲ କାମକୁ ଅନ୍ୟ ରାଜ୍ୟ ସରକାର ଅନୁସରଣ କରୁଥିବା ସତ୍ୟ କି, ଯଦି ପ୍ରଶ୍ନର ଉତ୍ତର ହଁ ହୁଏ ତେବେ ଓଡିଶା ଅନ୍ୟ କେଉଁ କେଉଁ ରାଜ୍ୟ ପାଇଁ କେଉଁ କେଉଁ କ୍ଷେତ୍ରରେ କେଉଁ ଯୋଜନା / କାର୍ଯ୍ୟକ୍ରମରେ ଉଦାହରଣ ପାଲଟିଛି ଏବଂ ଓଡିଶାର କେଉଁ କାମକୁ କେଉଁ କେଉଁ ରାଜ୍ୟ ସରକାର ଅନୁକରଣ କରୁଛନ୍ତି ଓ କେବେ ଠାରୁ କରୁଛନ୍ତି ତାର ବିବରଣୀ ପ୍ରଦାନ କରିବେ କି, ଓଡିଶାର ଯେଉଁ କାମକୁ ଅନ୍ୟ ରାଜ୍ୟ ମାନେ ଅନୁକରଣ କରୁଛନ୍ତି, ସଂପୃକ୍ତ କାମର ମୂଲ୍ୟାୟନ କରାଯାଇଛି କି, ଯଦି କରାଯାଇଛି ତେବେ ତାର ସଫଳତା ହାର ସମ୍ପର୍କରେ ପ୍ରକାଶ କରିବେ କି ?

----

## ଚାଷ ଜମିକୁ ଜଳସେଚନ ସୁବିଧା

295 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି)ଃ**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟରେ ସମୁଦାୟ କେତେ ହେକ୍ଟର ଚାଷ ଜମି ମଧ୍ୟରୁ କେତେ ଜମିକୁ ଜଳସେଚନ ସୁବିଧା ଉପଲବ୍ଧ କରାଯାଇପାରିଛି. କେତେ ଜମି ଅଣଜଳସେଚିତ ଜମି ରହିଛି ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି, ଅଣଜଳସେଚିତ ତଥା ବର୍ଷା ଜଳ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ ଜମି ମଧ୍ୟରୁ କେତେ ଜମି କେଉଁ କେଉଁ ମାଧ୍ୟମରେ କେଉଁ କେଉଁ ବର୍ଷରେ ଜଳସେଚନ ବ୍ୟବସ୍ଥା କରାଯିବାର ପରିକଳ୍ପନା କରାଯାଇଛି କହିବେ କି ?

----

## ଶିଳ୍ପ ସଂସ୍ଥାକୁ Intake ମାଧ୍ୟମରେ ଜଳ ଯୋଗାଣ

296 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି)ଃ**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ନଦୀ, ନାଳ, ଜଳଭଣ୍ଡାରରୁ ଖଣି / ଶିଳ୍ପ ସଂସ୍ଥା କୁ ଇନଟେକ ୱେଲ୍ ମାଧ୍ୟମରେ ସମସ୍ୟ ନିମନ୍ତେ କେଉଁ କିରି ଓ ପଦ୍ଧତିକୁ ଆଧାର କରି ଅନୁମତି ପ୍ରଦାନ କରାଯାଇଥାଏ, କେଉଁ କେଉଁ ସଂସ୍ଥାକୁ କେଉଁ ନଦୀ / ଜଳଭଣ୍ଡାରର କେଉଁ କେଉଁ ଠାରେ (କେଉଁ ମୌଜାର କେଉଁ ପ୍ଲଟରେ) କେତେ କ୍ଷମତା ବିଶିଷ୍ଟ ତଥା କେତେ ଆକାରର ଇନଟେକ ୱେଲ୍ ନିର୍ମାଣ କରିବା ପାଇଁ କେଉଁ କେଉଁ ସର୍ତ୍ତ ଆଧାରରେ ଅନୁମତି ପ୍ରଦାନ କରାଯାଇଛି ତାର ବିବରଣୀ ପ୍ରଦାନ କରିବେ କି, ଅନୁମତିରେ ଥିବା ସର୍ତ୍ତକୁ କେଉଁ କେଉଁ ଶିଳ୍ପ ସଂସ୍ଥା କେବେ ଠାରୁ ଉଲଘଂନ କରି ଜଳ ସଂଗ୍ରହ କରୁଛନ୍ତି, ଏବଂ ସଂପୃକ୍ତ ସର୍ତ୍ତ ଉଲଘଂନ ସମ୍ପର୍କରେ କେବେ କେଉଁ ଅଧିକାରୀଙ୍କ ଦ୍ଵାରା ଅନୁଧ୍ୟାନ / ତଦନ୍ତ କରାଯାଇ କି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଓ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଅଛି ତାହା କହିବେ କି ?

----

## ମଜୁରୀ ଆଇନ ଅନୁସାରେ ସର୍ବନିମ୍ନ ମଜୁରୀ ଧାର୍ଯ୍ୟ

297 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର)ଃ**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଓଡ଼ିଶା ସରକାରଙ୍କ ସର୍ବନିମ୍ନ ମଜୁରୀ ଆଇନ୍ ଅନୁସାରେ କେତେ ବର୍ଷ ବ୍ୟବଧାନରେ ସର୍ବନିମ୍ନ ମଜୁରୀ ଧାର୍ଯ୍ୟ କରି ବିଜ୍ଞପ୍ତି ଜାରି କରିଥାନ୍ତି, ସରକାରଙ୍କ ଶେଷ ନିର୍ଦ୍ଧାରିତ ମଜୁରିର ବିଜ୍ଞପ୍ତି କେବେ ପ୍ରକାଶ ପାଇଥିଲା, ନିକଟ ଭବିଷ୍ୟତରେ କେବେ ସରକାରଙ୍କର ସର୍ବନିମ୍ନ ବର୍ଦ୍ଧିତ ମଜୁରୀ ବୃଦ୍ଧି ପାଇବାର ଯୋଜନା ଅଛି କି, ଏହା ଛଡ଼ା ଶିଳ୍ପ ସଂସ୍ଥା ଗୁଡ଼ିକରେ ସର୍ବନିମ୍ନ ଘୋଷିତ ମଜୁରୀକୁ ବିଭାଜନ କରି ଶିଳ୍ପସଂସ୍ଥାମାନେ Basic ଓ ଅନ୍ୟାନ୍ୟ Allowance ଆକାରରେ ଦେବାକୁ ଆଇନ୍‌ଗତ ପ୍ରାବଧନ ଅଛି କି, ଏହାଛଡ଼ା ସର୍ବନିମ୍ନ ମଜୁରୀର ସମୟ ନିର୍ଦ୍ଧାରଣ କରି ତାରି ଉପରେ ଅନ୍ୟାନ୍ୟ ସହାୟତା ଯଥା ବୋନସ୍, ଛୁଟି ସହ ମଜୁରୀ ଓ ବିଦାୟକାଳୀନ ରାଶି ପ୍ରଦାନ କରୁଥିବା ଖବର ସରକାରଙ୍କ ପାଖରେ ଅଛି କି, ଯଦି ଅଛି ଏହା କେତେ ଦୂର ଆଇନ ସଙ୍ଗତ ସରକାରଙ୍କ ଆଇନକୁ ନ ମାନୁଥିବା ଶିଳ୍ପସଂସ୍ଥାଙ୍କ ଉପରେ କେବେ କି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ତାହାର ଏକ ବର୍ଷୱାରି ତାଲିକା ପ୍ରକାଶ କରିବେ କି ?

----

## ଠିକା ଶ୍ରମିକ ମାନଙ୍କୁ ନିୟମିତ କରିବା

298 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର)ଃ**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

କଳିଙ୍ଗ ନଗର ଶିଳ୍ପାଞ୍ଚଳରେ କେଉଁ ଶିଳ୍ପରେ କେତେ ସଂଖ୍ୟକ ଠିକା ଶ୍ରମିକ କାର୍ଯ୍ୟ କରୁଛନ୍ତି, ସଂପୂର୍ଣ କାର୍ଯ୍ୟରତ ଠିକାଶ୍ରମିକଙ୍କସଂଖ୍ୟା କେତେ କଳିଙ୍ଗନଗର ଶିଳ୍ପାଞ୍ଚଳରେ, ଶିଳ୍ପସଂସ୍ଥାରେ ଠିକାଦାରଙ୍କ ଜରିଆରେ ୫ ବର୍ଷ ଉର୍ଦ୍ଧ୍ୱ କାମ କରୁଥିବା ଶ୍ରମିକଙ୍କ ସଂଖ୍ୟା କେତେ ଯାହାକି ଉକ୍ତ ଶ୍ରମିକଙ୍କୁ ଦରମା ବାବଦକୁ ସର୍ବନିମ୍ନ ମଜୁରୀ ହାରରେ ଦରମା ପ୍ରଦାନ କରାଯାଉଛି କି, କିନ୍ତୁ ସେଇ ସମାନ କାର୍ଯ୍ୟ କରୁଥିବା ପ୍ରତ୍ୟେକ ଶ୍ରମିକ ତା'ର ଦୁଇ ତିନି ବେତନ ପାଉଥିବାର ଖବର ସରକାରଙ୍କ ପାଖରେ ଅଛି କି, ଠିକା ଶ୍ରମିକ ମାନଙ୍କର କାର୍ଯ୍ୟ ଅନୁସାରେ ସମାନ କାମକୁ ସମାନ ମଜୁରୀ ପ୍ରଦାନ କରିବାର ଆଇନଗତ ବ୍ୟବସ୍ଥା ଅଛି କି, ଯଦି ହଁ ତେବେ ଏହାକୁ କେଉଁ କେଉଁ ଶିଳ୍ପ ସଂସ୍ଥା ଲାଗୁ କରିଛନ୍ତି କିମ୍ଵା ଠିକା ଶ୍ରମିକ ମାନଙ୍କୁ ନିୟମିତ ଭାବରେ କାର୍ଯ୍ୟ କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ସ୍ଥାୟୀ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି କି, ଯଦି ଉତ୍ତର ହଁ ତେବେ ଶିଳ୍ପୱାରୀ ତାଲିକା ପ୍ରକାଶ କରନ୍ତୁ ?

----

## OBC କମିସନଙ୍କ ରିପୋର୍ଟକୁ ତର୍ଜମା କରିବା

299 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) କମିସନଙ୍କ ରିପୋର୍ଟ ଓ ସୁପାରିଶକୁ ସରକାର ତର୍ଜମା କଲେଣି କି, ଯଦି ହଁ, ତେବେ ଓବିସିଙ୍କ ଜନସଂଖ୍ୟା, ସାମାଜିକ - ଆର୍ଥିକ ଦୃଷ୍ଟିରୁ ସେମାନଙ୍କ ଅନଗ୍ରସରତାକୁ ବିଚାର କରି ସେମାନଙ୍କ ପାଇଁ ଶିକ୍ଷା, ନିଯୁକ୍ତି ଓ ଅନ୍ୟାନ୍ୟ କ୍ଷେତ୍ରରେ କେତେ ପ୍ରତିଶତ ସଂରକ୍ଷଣ ଦେବାକୁ ଚିନ୍ତା କରୁଛନ୍ତି ?

----

## DMF ଓ OMBADC, ଓ CSR ରେ ଟଙ୍କା ବିନିଯୋଗ

300 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଖଣି କ୍ଷତିଗ୍ରସ୍ତଙ୍କ ସାମାଜିକ-ଆର୍ଥିକ ବିକାଶ ଲକ୍ଷ୍ୟରେ DMF, OMBADC, CSR ରେ କେତେ ଟଙ୍କା ଲେଖାଏଁ ବିନିଯୋଗ କରାଯାଇଛି ଓ ତଦ୍ୱାରା ସେମାନଙ୍କ ଦାରିଦ୍ର୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମୁଣ୍ଡପିଛା ଆୟରେ କେତେ ପ୍ରତିଶତ ଉନ୍ନତି ଘଟିଛି-2015 ରୁ ଏପର୍ଯ୍ୟନ୍ତ ବର୍ଷୱାରୀ ସୂଚନା ଦେବେ କି ?

----

## ଲୋୟର ସୁକତେଲ ପ୍ରକଳ୍ପ ଦ୍ୱାରା ଜଳସେଚନ

301 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂହା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ଲୋୟର ସୁକତେଲ ପ୍ରକଳ୍ପର Original Project Report ରେ କେଉଁ ବ୍ଲକର କେଉଁ ଗ୍ରାମର କେତେ Hector ଜମିରେ ଜଳସେଚନ କରିବାକୁ ଆକଳନ କରାଯାଇଥିଲା ତା'ର ତାଲିକା ଦେବେ କି ; Revised Project Report ରେ ମୂଳ Project Report ରେ ଥିବା କେଉଁ କେଉଁ ଗ୍ରାମକୁ ଜଳସେଚନ ସୁବିଧାରୁ ବାଦ ଦିଆଯାଇଛି ତା'ର ତାଲିକା ସହ ମୂଳ Project Report ର ଗ୍ରାମମାନଙ୍କୁ କେଉଁ କାରଣରୁ ଜଳସେଚନରୁ ବାଦ ଦିଆଯାଇଛି ତା'ର କାରଣ ଗୃହରେ ଜଣାଇବେ କି,(ଖ) ଲୋଇସିଂହା ନିର୍ବାଚନ ମଣ୍ଡଳୀର ଲୋଇସିଂହା ବ୍ଲକର ଲୋଇସିଂହା, ହୀରାପୁର, ବାଦିବାହାଲ, ଯୋଗୀଶର୍ଡା, ବୁର୍ଡ଼ା ଗ୍ରାମପଞ୍ଚାୟତ ଓ ଆଗଲପୁର ବ୍ଲକର ନଅଗାଁ, ବଡଟିକା, ଝରଣିପାଲି ଗ୍ରାମପଞ୍ଚାୟତ ଓ ପୁଇଁନ୍ତଲା ବ୍ଲକର ପୁଇଁନ୍ତଲା, କୁରୁଲ, ମହିମୁଣ୍ଡା, ଆଟଗାଁ, ପଥର୍ଲା, ଦଶପୁରକୁ ଗ୍ରାମପଞ୍ଚାୟତକୁ ଲୋୟର ସୁକତେଲ ପ୍ରକଳ୍ପରୁ ଜଳସେଚନ ନିମନ୍ତେ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## ସ୍ଥିତିବାନ ଜମି ବିକା କିଣାରେ ଅସୁବିଧା

302 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଜଟଣୀ ଅଞ୍ଚଳର ସ୍ଥିତିବାନ ଜମି 2012 ମସିହାରୁ ଜଗନ୍ନାଥଙ୍କ ଜମି କହି ଜନସାଧାରଣଙ୍କୁ ବିକାକିଣାରୁ ବଞ୍ଚିତ କରାଯାଇଛି, ସରକାର ପୂର୍ବସ୍ଥିତିକୁ ଫେରାଇ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ପାଇଁ ବାରମ୍ବାର ପ୍ରତିଶୃତି ଦେଲେ ମଧ୍ୟ ଅହେତୁକ ବିଳମ୍ବ କରିବାର କାରଣ କ'ଣ ନିର୍ଦ୍ଧିଷ୍ଟ ଭାବେ କେବେସୁଦ୍ଧା ଜନସାଧାରଣ ପୂର୍ବ ସ୍ଥିତିବାନ ସ୍ଥିତିକୁ ଫେରିପାଇବେ ?

----

## ଭୂତଳ ଜଳସ୍ତର ହ୍ରାସ

303 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟରେ ଭୂତଳ ଜଳସ୍ତର ହ୍ରାସ ଘଟିବାରେ ଲାଗିଛି କି ବିଭିନ୍ନ ସ୍ଥାନରେ କଂକ୍ରୀଟ ରାସ୍ତା ନିର୍ମାଣ ଓ ଭୂତଳ ଜଳର ବହୁଳ ବ୍ୟବହାର ଯୋଗୁଁ ଜଳସ୍ତର ହ୍ରାସ ପାଉଛି କି; ଗତ 23 ବର୍ଷ ମଧ୍ୟରେ ରାଜ୍ୟର କେଉଁ କେଉଁ ସ୍ଥାନରେ Rain Water Harvesting ର ବ୍ୟବସ୍ଥା କରାଯାଇଛି; ଭୂତଳ ଜଳସ୍ତରକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ସ୍ପଷ୍ଟ କରିବେ କି ?

----

## ଜଙ୍ଗଲ ଅଧିକାର ଆଇନ 2006 ରେ ସଂଶୋଧନ

304 **ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ 2006 ଓ ସଂଶୋଧିତ ନିୟମ 2012 ମସିହା ଅନୁଯାୟୀ ଓଡ଼ିଶାରେ ଜଙ୍ଗଲ ଜମି ପଟ୍ଟା ନିମନ୍ତେ କେତେ ଗୋଟି ଦରଖାସ୍ତ ଆବେଦନ କରିଛନ୍ତି ତାହାର ଏକ ତାଲିକା ବ୍ଲକ ଏବଂ ଜିଲ୍ଲାୱାରୀ ତାଲିକା ସରକାର ପ୍ରଦାନ କରିବେ କି ; ଦରଖାସ୍ତକାରୀ ମାନଙ୍କ ମଧ୍ୟରୁ ଏ ପର୍ଯ୍ୟନ୍ତ କେଉଁ କେଉଁ ମାନଙ୍କୁ ପଟ୍ଟା ମିଳିଛି ଏବଂ କେଉଁ କେଉଁ ମାନଙ୍କୁ ଏ ପର୍ଯ୍ୟନ୍ତ ପଟ୍ଟା ମିଳିନାହିଁ, ପଟ୍ଟା ମିଳିନଥିବା ବ୍ୟକ୍ତିମାନଙ୍କୁ କେବେ ସୁଦ୍ଧା ଜଙ୍ଗଲଜମି ପଟ୍ଟା ଯୋଗାଇ ଦିଆଯିବ ?

----

## ନୂତନ ବସ ଷ୍ଟାଣ୍ଡ କାର୍ଯ୍ୟ ଆରମ୍ଭ

305 **ଶ୍ରୀ ଅଧିରାଜ ମୋହନ ପାଣିଗ୍ରାହୀ (ଖରିଆର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ନୂଆପଡା ଜିଲ୍ଲା ଅର୍ନ୍ତଗତ ବଡେନ ଏବଂ ଖରିଆର ରେ ନୂଆ ବସ ଷ୍ଟାଣ୍ଡ ପାଇଁ ଭିତିପ୍ରସ୍ତ ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନୂଆ ବସ ଷ୍ଟାଣ୍ଡ ର କାର୍ଯ୍ୟ ଆରମ୍ଭ ନ ହେବାର କାରଣ କଣ ଏବଂ ସିନାପାଲିରେ ମଧ୍ୟ ନୂଆ ବସ ଷ୍ଟାଣ୍ଡ କେବେ ଆରମ୍ଭ ହେବ ଏବଂ କେଉଁ ସମୟ ସୀମା ଭିତରେ ନୂଆ ବସ ଷ୍ଟାଣ୍ଡ କାର୍ଯ୍ୟ ସରିବ ?

----

## ନୂତନ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ

306 **ଶ୍ରୀ ଅଧିରାଜ ମୋହନ ପାଣିଗ୍ରାହୀ (ଖରିଆର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ରାଜ୍ୟ ସରକାର ମୋଟ କେତେ ଗୋଟି ନୁଆ ଇଣ୍ଡୋର ଷ୍ଟାଡିୟମ ତିଆରି କରିଛନ୍ତି ଏହାର ଗୋଟିଏ ଜିଲ୍ଲା ୱାରି ତାଲିକା ପ୍ରଦାନ କରିବେ କି ? (ଖ) ଏହି ସମସ୍ତ ଇଣ୍ଡୋର ଷ୍ଟାଡିୟମ ମାନଙ୍କ ରକ୍ଷଣ ବେକ୍ଷଣା ପାଇଁ ସରକାର NAC ମ୍ୟୁନ୍ସିପାଲଟି କୁ ହସ୍ତାନ୍ତର କରିବେ କି ?

----

## କଳାହାଣ୍ଡିରେ ବସ୍ ସେବା ପ୍ରଦାନ

307 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଳାହାଣ୍ଡି ଜିଲ୍ଲାରେ ବସ୍ ସେବା ସମ୍ପ୍ରସାରଣ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଅଦାଲତରେ ମାମଲାର ଆଶୁ ଫଇସଲା ପାଇଁ ପଦକ୍ଷେପ

308 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଦାଲତରେ କେତେଗୋଟି ମାମଲା ବିଚାରାଧିନ ଅଛି ; ବିଗତ ତିନି ବର୍ଷରେ କେତୋଟି ଫଇସଲା ହୋଇଛି ଓ ଅବଶିଷ୍ଟ ମାମଲାର ଆଶୁ ଫଇସଲା ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ରେଣ୍ଡୋ ମାଝିଙ୍କ ଉପରେ ସ୍ୱତନ୍ତ୍ର ଡାକ ଟିକଟ ପ୍ରଚଳନ

309 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼)ଃ**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଶହୀଦ ରେଣ୍ଡୋ ମାଝିଙ୍କ ଉପରେ ସ୍ୱତନ୍ତ୍ର ଡାକ ଟିକଟ ପ୍ରଚଳନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି?

----

## କଳାହାଣ୍ଡିରେ ଗ୍ରାମାଞ୍ଚଳ କ୍ରୀଡା ଭିତ୍ତିଭୂମି ବିକାଶ ପାଇଁ ପଦକ୍ଷେପ

310 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼)ଃ**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

କଳାହାଣ୍ଡି ଜିଲ୍ଲାରେ ଗ୍ରାମାଞ୍ଚଳ କ୍ରୀଡା ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଛାତ୍ରାବାସ ପ୍ରତିଷ୍ଠା ପାଇଁ ପଦକ୍ଷେପ

311 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼)ଃ**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

କଳାହାଣ୍ଡି ଜିଲ୍ଲାର କେଉଁ ଶିକ୍ଷାନୁଷ୍ଠାନରେ କେତେଜଣ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଓ ପଛୁଆବର୍ଗ ବିଦ୍ୟାର୍ଥୀଙ୍କ ରହଣୀ ପାଇଁ ଛାତ୍ରାବାସ ଓ ଛାତ୍ରୀନିବାସ ନିର୍ମାଣ ହୋଇଛି ; ନିର୍ମାଣାଧିନ ଓ ପ୍ରସ୍ତାବାଧିନ ଅଛି ପ୍ରକାଶ କରି ଅଧିକ ଛାତ୍ରାବାସ ଓ ଛାତ୍ରୀନିବାସ ପ୍ରତିଷ୍ଠା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଲକ୍ଷ୍ମୀବସ୍ ସେବା ପ୍ରଚଳନ ସମ୍ପର୍କରେ

312 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ)ଃ**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟରେ କେଉଁ ଜିଲ୍ଲାରେ କେତେଗୋଟି ଲକ୍ଷ୍ମୀବସ୍ ସେବା ପ୍ରଚଳନ ହୋଇଛି ଓ ଏହାର ସମ୍ପ୍ରସାରଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଦେବାଦେବୀଙ୍କର ସେବାପୂଜା ପାଇଁ ଆସୁଥିବା ଅନୁଦାନ ବୃଦ୍ଧି ପାଇଁ ବ୍ୟବସ୍ଥା

313 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ)ଃ**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଅନୁଗୋଳ ଜିଲ୍ଲାର କେଉଁ ଦେବାଦେବୀଙ୍କର ସେବାପୂଜା ପାଇଁ ବାର୍ଷିକ କେତେ ଅନୁଦାନ ପ୍ରଦାନ କରାଯାଉଛି ; ଏହା ବୃଦ୍ଧି ପାଇଁ ସରକାର ବ୍ୟବସ୍ଥା କରିବେ କି?

----

## ସ୍ୱତନ୍ତ୍ର ଡାକଟିକଟ ପ୍ରଚଳନ

314 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ)ଃ**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଗଡଜାତ ଗାନ୍ଧୀ ସାରଙ୍ଗଧର ଦାସ, ପବିତ୍ର ମୋହନ ପ୍ରଧାନ, ରାଧାମୋହନ ଗଡନାୟକଙ୍କ ଉପରେ ସ୍ୱତନ୍ତ୍ର ଡାକଟିକଟ ପ୍ରଚଳନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି?

----

## ସରକାରୀ ପ୍ରେସ୍ ମାନଙ୍କରେ ପଦବୀ ପୂରଣ

315 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ)ଃ**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟର ସରକାରୀ ପ୍ରେସ୍ ମାନଙ୍କରେ ମଞ୍ଜୁରୀପ୍ରାପ୍ତ ପଦବୀରୁ କେଉଁ ବର୍ଗରେ କେତେ ପଦବୀ ଖାଲିଅଛି ଓ ଏହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି?

----

## ପଶ୍ଚିମ ଓଡିଶା ବିକାଶ ପରିଷଦ ତରଫରୁ ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ

316 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ)ଃ**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ପଶ୍ଚିମ ଓଡିଶା ବିକାଶ ପରିଷଦ ତରଫରୁ ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ପାଇଁ କି ପଦକ୍ଷେପ ନିଆଯାଉଅଛି?

----

## ଯାତ୍ରୀବାହୀ ବସ୍ ସେବା ସୁସଂହତ ପାଇଁ ପଦକ୍ଷେପ

317 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଅନୁଗୋଳ ଜିଲ୍ଲାରେ ଯାତ୍ରୀବାହୀ ବସ୍ ସେବା ସୁସଂହତ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଫଇସଲା ହୋଇଥିବା ମାମଲା ସଂଖ୍ୟା

318 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଅନୁଗୋଳ ଜିଲ୍ଲାରେ ବିଭିନ୍ନ ଅଦାଲତରେ କେତେଗୋଟି ମାମଲା ବିଚାରାଧିନ ଅଛି ; ବିଗତ ତିନି ବର୍ଷରେ କେତେ ମାମଲା ଫଇସଲା ହୋଇଛି ଓ ବକେୟା ମାମଲାର ଫଇସଲା ପାଇଁ କି ପଦକ୍ଷେପ ନିଆଯାଉଅଛି?

----

## ଖେଳ ପଡ଼ିଆର ବିକାଶ

319 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବିଗତ ତିନି ବର୍ଷରେ ଅନୁଗୋଳ ଜିଲ୍ଲାର କେଉଁ ଖେଳ ପଡ଼ିଆର ବିକାଶ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ବିଦ୍ୟାର୍ଥୀମାନଙ୍କୁ ବୀମାଭୁକ୍ତ କରିବାକୁ ପ୍ରସ୍ତାବ

320 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଅନୁସୂଚିତ ଜନଜାତି ବିଭାଗ ଅଧୀନସ୍ଥ ବିଦ୍ୟାର୍ଥୀମାନଙ୍କୁ ବୀମାଭୁକ୍ତ କରିବାକୁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଆଡ଼ିବନ୍ଧ ନିର୍ମାଣ କରି ଜଳସେଚନ ବ୍ୟବସ୍ଥା

321 **ଶ୍ରୀ ସୁଶାନ୍ତ କୁମାର ବେହେରା (ଛେଣ୍ଡିପଦା ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଅନୁଗୋଳ ଜିଲ୍ଲାରେ କେଉଁ କେଉଁ ନଦୀ, ଝରଣା ଓ ନାଳ ପ୍ରବାହିତ ହେଉଛି, ସେଥିରେ ଆଡ଼ିବନ୍ଧ ନିର୍ମାଣ କରି ଜଳସେଚନ ବ୍ୟବସ୍ଥା ତ୍ୱରାନ୍ୱିତ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

**ଉଠାଦୋକାନୀ ମାନଙ୍କୁ ଥଇଥାନ**

322 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ବାଦାମବାଡି ବସ୍‌ଷ୍ଟାଣ୍ଡର ଉଠାଦୋକାନୀ ମାନଙ୍କୁ ଥଇଥାନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

**ଫଇସଲା ହୋଇଥିବା ପୁରୁଣା ମାମଲାର ବିବରଣୀ**

323 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ବିଗତ ତିନି ବର୍ଷରେ ଲୋକ ଅଦାଲତ ମାଧ୍ୟମରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ସହ ରାଜ୍ୟର କେଉଁ ନ୍ୟାୟାଳୟର କେତେଗୋଟି ପୁରୁଣା ମାମଲାର ଫଇସଲା ହୋଇଛି, ତାହାର ବିବରଣୀ ପ୍ରଦାନ କରିବେ କି ?

----

**ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବିକାଶ**

324 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ଜିଲ୍ଲାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବିକାଶ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

**ପ୍ରେସ୍‌ର ଆଧୁନିକୀକରଣ**

325 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ସରକାରୀ ପ୍ରେସ୍‌ର ଆଧୁନିକୀକରଣ ପାଇଁ ସରକାର କି ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରିଛନ୍ତି ?

----

**ଚୌଦ୍ୱାରଠାରେ ଅତ୍ୟାଧୁନିକ ଷ୍ଟାଡିୟମ ନିର୍ମାଣ**

326 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଚୌଦ୍ୱାରଠାରେ ଏକ ଅତ୍ୟାଧୁନିକ ଷ୍ଟାଡିୟମ ନିର୍ମାଣ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଛି ?

----

## ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ତରଫରୁ ଚଳାଚଳ କରୁଥିବା ବସର ବିବରଣୀ

327 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ତରଫରୁ କେଉଁ କେଉଁ ରୁଟ୍‌ରେ କେତେଗୋଟି ଯାତ୍ରୀବାହୀ ଏକ୍ସପ୍ରେସ୍ ଓ ଡିଲକ୍ସ ବସ୍ ଚଳାଚଳ କରୁଛି, ତାହାର ବିବରଣୀ ପ୍ରଦାନ କରିବେ କି ?

----

## ପ୍ରଦାନ କରାଯାଇଥିବା ଅନୁଦାନର ବିବରଣୀ

328 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଭଦ୍ରକ ଜିଲ୍ଲାର କେଉଁ ଦେବାଦେବୀ ମାନଙ୍କର ସେବାପୂଜା ପାଇଁ ବିଗତ ତିନି ବର୍ଷରେ କେତେ ଅନୁଦାନ ପ୍ରଦାନ କରାଯାଇଛି, ତାହାର ବିବରଣୀ ପ୍ରଦାନ କରିବେ କି ?

----

## ସୂଚନା ଓ ପ୍ରଯୁକ୍ତି ପାର୍କ ପ୍ରତିଷ୍ଠା

329 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଭଦ୍ରକ ଜିଲ୍ଲାରେ ସୂଚନା ଓ ପ୍ରଯୁକ୍ତି ପାର୍କ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି?

----

## ନୌପରିବହନ ବ୍ୟବସ୍ଥାର ଆଧୁନିକୀକରଣ

330 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଭଦ୍ରକ ଜିଲ୍ଲାରେ ନୌପରିବହନ ବ୍ୟବସ୍ଥାର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ବିଗତ ତିନି ବର୍ଷରେ କି କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ମହିଳା କ୍ରୀଡାବିତମାନଙ୍କୁ ପ୍ରୋତ୍ସାହନ

331 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ମହିଳା କ୍ରୀଡାବିତମାନଙ୍କୁ ପ୍ରୋତ୍ସାହିତ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଶ୍ରୀକ୍ଷେତ୍ର ପୁରୀକୁ ବସସେବା ପ୍ରବର୍ତ୍ତନ

332 **ଶ୍ରୀ ସୁଧୀର କୁମାର ସାମଲ (ଢେ଼ଙ୍କାନାଳ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପ୍ରତି ଜିଲ୍ଲାରୁ ଶ୍ରୀକ୍ଷେତ୍ର ପୁରୀକୁ ବସସେବା ପ୍ରବର୍ତ୍ତନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି?

----

## ବକେୟା ମାମଲାର ଆଶୁ ଫଇସଲା ପାଇଁ ପଦକ୍ଷେପ

333 **ଶ୍ରୀ ସୁଧୀର କୁମାର ସାମଲ (ଢେ଼ଙ୍କାନାଳ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଓଡିଶା ଉଚ୍ଚ ନ୍ୟାୟାଳୟ ସମେତ ରାଜ୍ୟର ବିଭିନ୍ନ ଅଦାଲତରେ କେତେଗୋଟି ମାମଲା ବିଚାରାଧିନ ଅଛି ବିଗତ ତିନି ବର୍ଷରେ କେତୋଟି ମାମଲାର ଫଇସଲା ହୋଇଛି, ବକେୟା ମାମଲାର ଆଶୁ ଫଇସଲା ପାଇଁ କି ପଦକ୍ଷେପ ନିଆଯାଉଅଛି?

----

## ଡାକଟିକଟ ପ୍ରଚଳନ ପାଇଁ ପ୍ରସ୍ତାବ

334 **ଶ୍ରୀ ସୁଧୀର କୁମାର ସାମଲ (ଢେ଼ଙ୍କାନାଳ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟର କେଉଁ ବରପୁତ୍ରମାନଙ୍କ ଉପରେ ଡାକଟିକଟ ପ୍ରଚଳନ ପାଇଁ ସରକାରଙ୍କ ତରଫରୁ ଡାକ ବିଭାଗକୁ ପ୍ରସ୍ତାବ ଦିଆଯାଇଛି ଏହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ନିଆଯାଉଅଛି?

----

## ସରକାରୀ ପ୍ରେସମାନଙ୍କ ଆଧୁନିକୀକରଣ

335 **ଶ୍ରୀ ସୁଧୀର କୁମାର ସାମଲ (ଢେ଼ଙ୍କାନାଳ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟର ସରକାରୀ ପ୍ରେସମାନଙ୍କ ଆଧୁନିକୀକରଣ ଓ ସଂପ୍ରସାରଣ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ବିଦ୍ୟାର୍ଥୀଙ୍କ ସଂଖ୍ୟା

336 **ଶ୍ରୀ ସୁଧୀର କୁମାର ସାମଲ (ଢେଙ୍କାନାଳ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଢେଙ୍କାନାଳ ଜିଲ୍ଲାରେ କେଉଁ କେଉଁ ସ୍ଥାନରେ ବିଭାଗୀୟ ବିଦ୍ୟାଳୟ ଓ ଆବାସିକ ବିଦ୍ୟାଳୟରେ କେତେ ବିଦ୍ୟାର୍ଥୀ ଅଧ୍ୟୟନ କରୁଛନ୍ତି ପ୍ରକାଶ କରି ଏଠାରେ ଶିକ୍ଷାର ମାନ ବୃଦ୍ଧି ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଜଗତପୁର ଚାନ୍ଦବାଲି ଭାୟା ସାଲେପୁର ରାସ୍ତାରେ ବସ ପରିବହନ ସେବା

337 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଜଗତପୁର ଚାନ୍ଦବାଲି ଭାୟା ସାଲେପୁର ରାସ୍ତାରେ ବସ ପରିବହନ ସେବା ସୁସଂହତ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଜଗନ୍ନାଥ ମନ୍ଦିରର ତାଲିକା

338 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟର କେଉଁ ଜିଲ୍ଲାରେ ଓ ଦେଶର କେଉଁ ରାଜ୍ୟର କେଉଁ ସ୍ଥାନରେ ଓ ବିଦେଶରେ କେଉଁ ସ୍ଥାନରେ ଜଗନ୍ନାଥ ମନ୍ଦିର ଅଛି, ତାହାର ତାଲିକା ପ୍ରଦାନ କରିବେକି?

----

## ସ୍ୱତନ୍ତ୍ର ଡାକ ଟିକଟ ପ୍ରଚଳନ

339 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ସମାଜର ପୂର୍ବତନ ସଂପାଦକ ଡଃ ରାଧାନାଥ ରଥ, ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି, ସୁରେନ୍ଦ୍ରନାଥ ଦ୍ୱିବେଦୀ, ରବି ରାୟଙ୍କ ଉପରେ ସ୍ୱତନ୍ତ୍ର ଡାକ ଟିକଟ ପ୍ରଚଳନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## କବାଡି ଖେଳକୁ ଲୋକପ୍ରିୟ କରିବାକୁ ପଦକ୍ଷେପ

340 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କବାଡି ଖେଳକୁ ଲୋକପ୍ରିୟ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ପଞ୍ଜିକୃତ ଶ୍ରମିକଙ୍କ କଲ୍ୟାଣ ପାଇଁ ପଦକ୍ଷେପ

341 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

କଟକ ଜିଲ୍ଲାରେ କେଉଁ ବର୍ଗର କେତେ ଶ୍ରମିକ ଚିହ୍ନଟ ହୋଇଛନ୍ତି, ସେମାନଙ୍କୁ ପଞ୍ଜିକୃତ କରି ସେମାନଙ୍କ କଲ୍ୟାଣ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ବାଲେଶ୍ୱର ଜିଲ୍ଲାରୁ ଚଳାଚଳ କରୁଥିବା ବସର ତାଲିକା

342 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ବାଲେଶ୍ୱର ଜିଲ୍ଲାରୁ କେଉଁ କେଉଁ ରୁଟରେ କେତେଗୋଟି ଯାତ୍ରୀବାହୀ ବସ ଚଳାଚଳ କରୁଛି ତାହାର ତାଲିକା ପ୍ରଦାନ ସହ ଜିଲ୍ଲାରେ ଯାତ୍ରୀବାହୀ ବସସେବା ସୁସଂହତ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ବିଚାରାଧିନ ମାମଲାର ସଂଖ୍ୟା

343 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ବାଲେଶ୍ୱର ଜିଲ୍ଲାର କେଉଁ ଅଦାଲତରେ କେତେଗୋଟି ମାମଲା ବିଚାରାଧିନ ଅଛି, ବିଗତ ତିନି ବର୍ଷରେ କେତୋଟି ଫଇସଲା ହୋଇଛି, ବକେୟା ମାମଲା ଗୁଡ଼ିକର ଆଶୁ ଫଇସଲା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ପ୍ରେସରେ ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କ ସଂଖ୍ୟା

344 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କେତେଗୋଟି ପ୍ରେସ ଥିଲା ବେଳେ ତାହା ମାଧ୍ୟମରେ କେତେ ବ୍ୟକ୍ତି ନିଯୁକ୍ତି ଓ ଆତ୍ମନିଯୁକ୍ତିର ସୁଯୋଗ ପାଉଛନ୍ତି ?

----

## କ୍ରୀଡ଼ା ଭିତ୍ତିଭୂମି ଉନ୍ନୟନ

345 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାଲେଶ୍ୱର ଜିଲ୍ଲାରେ କ୍ରୀଡ଼ା ଭିତ୍ତିଭୂମି ଉନ୍ନୟନ ପାଇଁ ବିଗତ ତିନି ବର୍ଷରେ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ବାଲେଶ୍ୱର ଜିଲ୍ଲାରେ ଜଳ ନିଷ୍କାସନ ବ୍ୟବସ୍ଥା

346 **ଶ୍ରୀ ସୁଧାଂଶୁ ଶେଖର ପରିଡା (ରେମୁଣା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାଲେଶ୍ୱର ଜିଲ୍ଲାରେ ଜଳ ନିଷ୍କାସନ ବ୍ୟବସ୍ଥା ସୁସମ୍ପାଦନ ନିମନ୍ତେ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## Check Dam ନିର୍ମାଣ ପାଇଁ ନିଷ୍ପତି

347 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ସୁନାମୁଖୀ ସାଗର, ହରିହର ସାଗର, କାଳି ଗଙ୍ଗା, ତୁଳାପଡ଼ା, ପ୍ରେଞ୍ଜୋ, ସିଙ୍ଗଝରଣ, ମାଣ୍ଡିଆ ରକ୍ଷୀ ତଅଁଶିର, ଘାଟପଡ଼ା, କରୁଣା ସାଗର, ବାଗପୁର, ଏହି ସବୁ ପ୍ରୋଜେକ୍ଟର ପୁନଃ ଉଦ୍ଧାର ତଥା Canal ମରାମତି କାର୍ଯ୍ୟ ପାଇଁ ଅର୍ଥର ବ୍ୟବସ୍ଥା କରିବେ କି; ନର୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବର୍ତ୍ତମାନ କେଉଁ କେଉଁ MIP ପାଇଁ ଅର୍ଥର ବ୍ୟବସ୍ଥା ବ୍ୟବସ୍ଥା କରାଯାଇଅଛି ଓ କେଉଁ କେଉଁଠାରେ ନୂତନ Project ସହିତ କେତୋଟି Check - dam କରା ଯାଇଅଛି ଓ କେତୋଟି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି, ଜଣେଇବେ କି ?

----

## Office & Rest Shed Building ନିର୍ମାଣ

348 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) Upper Indravati ଗୋଲାମୁଣ୍ଡା Extension ଓ Right Canal, RET ସହିତ ସଂଯୋଗୀକରଣ ସମ୍ପୂର୍ଣ୍ଣ କେବେସୁଦ୍ଧା ହେବ ଓ କେତେ ଅଧିକ ଜମିକୁ ଜଳସେଚିତ କରିବ; (ଖ) Ret ପ୍ରକଳ୍ପର Lining ଉଲିକୁପା Extension ଓ ମଧୁପୁର Extension କେଉଁ ସ୍ତରରେ ରହିଅଛି;Ret Dam ସାଇଡ଼ିରେ ଏକ Park ନିର୍ମାଣ ପାଇଁ କେବେ କାର୍ଯ୍ୟ ଆରମ୍ଭ ହେବ , ସେହିପରି ରିଷିଡ଼ା ଭଡ଼େଇ Section Office & Rest Shed Building କାର୍ଯ୍ୟ କେବେ ଆରମ୍ଭ ହେବ ?

----

## ଜଳସେଚନ ସୁବିଧା ପ୍ରଦାନ

349 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ନର୍ଲା ନିର୍ବାଚନ ମଣ୍ଡଳୀର 28.07.2023 ପ୍ରଶ୍ନ ଅନୁସାରେ ମେଗାଲିଫ୍ଟ (Mega Lift) କରିବା 13 ଗୋଟି ସ୍ଥାନର ଅଭିଯୋଗ ହସ୍ତଗତ ହୋଇଥିବା ସହିତ ନର୍ଲା, ସରଗିଗୁଡ଼ା, ମାଣ୍ଡେଲ ଓ ଘଣ୍ଟମାଳରୁ ମଧ୍ୟ ବାରମ୍ବାର ଅଭିଯୋଗ ଆସିଥିବା ଦୃଷ୍ଟିରୁ ଏହାକୁ ପୁନଃ ବିଚାର କରି ସରକାର ପଦକ୍ଷେପ ନେବେ କି ; (ଖ) ଅବିଭକ୍ତ କଳାହାଣ୍ଡି ଜିଲ୍ଲାର 18 ଟି ବ୍ଲକରେ କେତେ କେତେ ଜମିରେ ଜଳସେଚନର ସୁବିଧା ଅଛି ତା'ର ଏକ ଶତକଡ଼ାୱାରୀ ପ୍ରତ୍ୟେକ Block ର ତାଲିକା ଦେବେ କି ?

----

## JMFC Court Building ନିର୍ମାଣ ପାଇଁ ଅର୍ଥ ମଞ୍ଜୁର

350 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟର କେଉଁ କେଉଁ ବ୍ଲକରେ JMFC Court ଖୋଲା ଯାଇଥିଲେ ସୁଦ୍ଧା କାର୍ଯ୍ୟ ହୋଇନଥିବା କାରଣ କଣ; ଏହାର ଏକ ତାଲିକା ଦେବେ କି; ସେହିପରି ମଞ୍ଜୁର ହୋଇଥିବା Court ଭିତରୁ ସମସ୍ତ ସ୍ଥାନରେ ଆବଶ୍ୟକୀୟ Post Sanction ହୋଇ ଅଛି କି; ହୋଇ ନଥିଲେ କେବେସୁଦ୍ଧା ହେବ, ଜଣାଇବେ କି ; କର୍ଲାମୁଣ୍ଡା ଓ ନର୍ଲା JMFC Court କେବେଠାରୁ function କରିବ ?

----

## ପ୍ରସ୍ତାବ ଗ୍ରହଣ

351 **ଶ୍ରୀ ଭୂପିନ୍ଦର ସିଂହ (ନର୍ଲ୍ଲା):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

WODC ର ପ୍ରସ୍ତାବ 2019 - 20 ପାଇଁ outgoing ବିଧାୟକମାନେ ଦେଇଥିଲେ ସେହିପରି 2024-25 ଆର୍ଥିକ ବର୍ଷପାଇଁ ବର୍ତ୍ତମାନର ବିଧାୟକ ମାନଙ୍କଠାରୁ ଶୀଘ୍ର ପ୍ରସ୍ତାବ ମାଗିବେ କି ?

----

## ଗ୍ରାମସଭା ଅନୁମୋଦନ ପାଇଁ ନଥିବା ପ୍ରକଳ୍ପ

352 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ କେଉଁ ଜିଲ୍ଲାର କେଉଁ ବ୍ଲକ ନିମନ୍ତେ କେତେଗୋଟି ପ୍ରକଳ୍ପ କେତେ ବ୍ୟୟ ଅଟ୍ଟକଳରେ କାର୍ଯ୍ୟକାରୀ କରାଯାଉଅଛି ; ସଂପୃକ୍ତ ପ୍ରକଳ୍ପ ମଧ୍ୟରୁ କେତେଗୋଟି ପ୍ରକଳ୍ପ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ କରାଯାଇଛି କିମ୍ବା ଅନ୍ୟ କେଉଁ ସ୍ତରରେ ପ୍ରସ୍ତୁତ କରାଯାଇ କାହାଦ୍ୱାରା କେବେ ଅନୁମୋଦନ କରାଯାଇଛି ତାର ବିବରଣୀ ପ୍ରଦାନ କରିବେ କି ; କେଉଁ ପ୍ରକଳ୍ପ କାର୍ଯ୍ୟ ବାର୍ଷିକ ଚିଠା ଯୋଜନାରେ ଅନ୍ତର୍ଭୁକ୍ତ କରାନଯାଇ ମଞ୍ଜୁରୀ ପ୍ରଦାନ କରାଯାଇଛି, କେଉଁ ପ୍ରକଳ୍ପ ସିଡ୍ୟୁଲ୍ ଏରିଆରେ କାର୍ଯ୍ୟ କରାଯାଉଥିବା ସଂପୃକ୍ତ ପ୍ରକଳ୍ପ ମଧ୍ୟରୁ କେଉଁ କେଉଁ ପ୍ରକଳ୍ପ ଗ୍ରାମସଭାର ବିନା ଅନୁମୋଦନରେ କରାଯାଇଛି ତାର ବିବରଣୀ ପ୍ରଦାନ କରିବେ କି ?

----

## ଗାରିମା ଯୋଜନା ସମ୍ପର୍କରେ

353 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟରେ ଶୌଚାଳୟ, ସେପ୍ଟିକ୍ ଟାଙ୍କ, ନର୍ଦ୍ଦମା ଓ ଦୂଷିତ ପଦାର୍ଥ ପ୍ରଭୃତିରେ ମଇଳା ଉପଚାର କରୁଥିବା ଶ୍ରମିକଙ୍କ ସଂଖ୍ୟା କେଉଁ ଜିଲ୍ଲାରେ କେତେ ରହିଛନ୍ତି ତାର ଆକଳନ କରାଯାଇଛି କି ; ଯଦି ଆକଳନ କରାଯାଇଛି ତାର କ୍ଷେତ୍ରଓ୍ୱାରୀ ବିବରଣୀ ପ୍ରଦାନ କରିବେ କି ; ସଂପୃକ୍ତ କର୍ମରରୀଙ୍କ ସୁରକ୍ଷା ଏବଂ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ୨୦୨୩-୨୪ ବର୍ଷରେ କେତେ ଅର୍ଥ ମଞ୍ଜୁର କରିଛନ୍ତି ; " ଗାରିମା" ଯୋଜନାରେ କେଉଁ ଜିଲ୍ଲାରେ କେତେ ସଂଖ୍ୟକ କର୍ମଚାରୀଙ୍କୁ ଦୁଇଚକିଆ ଯାନ ସହାୟତା, ଜୀବନବୀମା, ଅସୁସ୍ଥତା ଭତ୍ତା ଏବଂ ବିନା ପ୍ରିମିୟମ୍‌ରେ ସ୍ୱାସ୍ଥ୍ୟବୀମା ଏବଂ ମୋବାଇଲ୍ / ଫୋନ୍ ସହାୟତା ଯୋଗାଇ ଦିଆଯାଇଛି କହିବେ କି ; " ଗାରିମା" ଯୋଜନାରୁ ବାଦ ପଡିଥିବା କର୍ମଚାରୀଙ୍କ ସଂଖ୍ୟା କେତେ ; ସଂପୃକ୍ତ କର୍ମଚାରୀଙ୍କୁ କେବେ ସୁଦ୍ଧା ଅନ୍ତର୍ଭୁକ୍ତ କରାଯିବ ଜଣାଇବେ କି ?

----

## କ୍ରୀଡ଼ା ଭିତ୍ତିଭୂମିର ଉନ୍ନତିକରଣ

354 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟରେ କ୍ରୀଡା ଭିତ୍ତିଭୂମିର ଉନ୍ନତିକରଣ ନିମନ୍ତେ ପ୍ରତିଷ୍ଠିତ ଷ୍ଟାଡିୟମ୍ ମଧ୍ୟରୁ କେଉଁ କେଉଁ ଜିଲ୍ଲାର ଷ୍ଟାଡିୟମ୍ କେତେ ଅର୍ଥ ବ୍ୟୟରେ କେତେ କ୍ଷମତା ବିଶିଷ୍ଟ (କେତେ ସଂଖ୍ୟକ ଦର୍ଶକ ନିମନ୍ତେ କି କି ଖେଳ ପ୍ରଦର୍ଶନ ପାଇଁ କେତେ ପରିମିତ ଜମିରେ ଭିତ୍ତିଭୂମି ସୃଷ୍ଟି କରାଯାଇଛି ; କେଉଁ କେଉଁ ଷ୍ଟାଡିୟମ୍‌ର ରକ୍ଷଣାବେକ୍ଷଣ ଓ ଆନୁସଙ୍ଗୀକ ଖର୍ଚ୍ଚ ନିମନ୍ତେ ବାର୍ଷିକ କେତେ ଅର୍ଥ ବ୍ୟୟ ହେବାର ଆକଳନ କରାଯାଇଛି ଏବଂ ଆକଳନ ଆଧାରରେ ୨୦୨୩-୨୪ ବର୍ଷରେ କେଉଁ କେଉଁ ଷ୍ଟାଡିୟମ୍‌କୁ କେତେ ଅର୍ଥ ପ୍ରଦାନ କରାଯିବା ପାଇଁ ବଜେଟ୍‌ରେ ଅର୍ଥ ମଞ୍ଜୁର କରାଯାଇଛି ତାର ଏକ ବିବରଣୀ ପ୍ରଦାନ କରିବେ କି ; ୨୦୨୩-୨୪ ବର୍ଷରେ କେଉଁ କେଉଁ ଠାରେ କେତେ ବ୍ୟୟରେ ନୂତନ ଷ୍ଟାଡିୟମ୍ ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି ?

----

## "ଆମଝିଅ" ଯୋଜନା ସମ୍ପର୍କରେ

355 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଆମ ଝିଅ ଯୋଜନାରେ ବାହାଘର ପାଇଁ ୨୫ ହଜାର ଟଙ୍କା ପ୍ରଦାନ ନିମନ୍ତେ ଶାସକ ଦଳର ନିର୍ବାଚନ ଇସ୍ତାହାରରେ ଘୋଷଣା କରାଯାଇଥିବା ପରିପ୍ରେକ୍ଷୀରେ କେଉଁ କାରଣରୁ ଏହି ଯୋଜନା କାର୍ଯ୍ୟକାରୀ କରାଯିବାରେ ବିଳମ୍ବ କରାଯାଇଛି; ଏହି ଯୋଜନା କାର୍ଯ୍ୟକାରୀ କରାଗଲେ ବାର୍ଷିକ କେତେ ଅର୍ଥ ବ୍ୟୟ ହେବାର ଆକଳନ କରାଯାଇଥିଲା; "ଆମ ଝିଅ" ଯୋଜନାରେ ୨୦୧୮-୧୯ରୁ ୨୦୨୩-୨୪ ବର୍ଷ ମଧ୍ୟରେ କେଉଁ ବର୍ଷ କେତେ ଅର୍ଥ ବଜେଟରେ ବ୍ୟୟ ବରାଦ କରାଯାଇଥିଲା ଏବଂ କେତେ ଅର୍ଥ ବ୍ୟୟ ହୋଇଛି ତାର ବର୍ଷୱାରୀ ବିବରଣୀ ପ୍ରଦାନ କରିବେ ?

----

## ବସଷ୍ଟାଣ୍ଡ ପରିଚାଳନା

356 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ କାର୍ଯ୍ୟକ୍ଷମ ଥିବା ଓ ପ୍ରସ୍ତାବିତ କେଉଁ କେଉଁ ବସଷ୍ଟାଣ୍ଡକୁ ପରିଚାଳନା ନିମନ୍ତେ କେଉଁ ସଂସ୍ଥା/ ବ୍ୟକ୍ତିବିଶେଷଙ୍କୁ କେଉଁ ଭିତ୍ତି ଓ ପଦ୍ଧତିରେ ଚୟନ କରାଯାଇ ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଛି ଓ ଦେବାକୁ ଅଛି କହିବେ କି; ବସଷ୍ଟାଣ୍ଡ ପରିଚାଳନା ନିମନ୍ତେ କି କି ସର୍ତ୍ତ ରଖାଯାଇଛି; କେଉଁ ବସଷ୍ଟାଣ୍ଡର ଆୟ ଓ ବ୍ୟୟର ଆକଳନ କେତେ କରାଯାଇଛି ତାର ବିବରଣୀ ବସଷ୍ଟାଣ୍ଡୱାରୀ ପ୍ରଦାନ କରିବେ କି?

----

## Lift ଓ Mega Lift Point ସମ୍ପର୍କରେ

357 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଚାଷ ଜମିକୁ ଜଳ ଯୋଗାଇବା ପାଇଁ କେତୋଟି Lift Point ଏବଂ Mega Lift Point ସ୍ଥାପନ କରାଯାଇଛି, ସେଥିମଧ୍ୟରୁ କେତେ ସଂଖ୍ୟକ ଅଚଳ ହୋଇଯାଇଛି, କୋରାପୁଟ ଜିଲ୍ଲାର ଏହି ସଂଖ୍ୟା କେତେ, ଜଳ ଯୋଗାଣ ବ୍ୟାଘାତ ଯୋଗୁଁ ଚାଷ ଓ ଚାଷୀ ପ୍ରଭାବିତ ହେଉଛନ୍ତି କି ?

----

## DEO ନିଯୁକ୍ତି ସମ୍ପର୍କରେ

358 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟର ସମସ୍ତ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ କେତେ ଜଣ DEO ଏବଂ ଅନ୍ୟ ବର୍ଗର କର୍ମଚାରୀ କାର୍ଯ୍ୟରତ ଅଛନ୍ତି, କେଉଁ ବାହ୍ୟ ନିଯୁକ୍ତି ସଂସ୍ଥା ଦ୍ୱାରା ଏହି ସବୁ କର୍ମଚାରୀ ନିଯୁକ୍ତି ପାଇଛନ୍ତି ?

----

## ନୂତନ କ୍ରୀଡା ଭିତ୍ତିଭୂମି ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ

359 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟରେ ବିଭିନ୍ନ ବର୍ଗର ଖେଳାଳୀଙ୍କ ପ୍ରତିଭା ବିକଶିତ କରିବା ନିମନ୍ତେ ରାଜ୍ୟ ସରକାର ଗତ 5 ବର୍ଷ ମଧ୍ୟରେ କେତେ ଜଣ ପ୍ରତିଭାବାନ ଖେଳାଳୀଙ୍କୁ ଗଢି ତୋଳିବାର ସଫଳ ହୋଇଛନ୍ତି, କ୍ରୀଡା ଓ କ୍ରୀଡାବିତଙ୍କ ପ୍ରୋତ୍ସାହନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି, କୋରାପୁଟ ଜିଲ୍ଲାରେ କ୍ରୀଡା କ୍ଷେତ୍ରରେ କେଉଁ କେଉଁ ବର୍ଗର କେତେ ଜଣ ପ୍ରତିଭାବାନ ଖେଳାଳୀ ସୃଷ୍ଟି କରାଯାଇଛି, ତାହା ସ୍ପଷ୍ଟ କରିବେ କି, ଜୟପୁର ଠାରେଏକ Multi purpose stadium ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି କି, ବର୍ତ୍ତମାନ ଏହାର ସ୍ଥିତି କ'ଣ ?

----

## ଯୋଜନା ଓ ସଂଯୋଜନ ପରିଷଦ ବୈଠକ ସମ୍ପର୍କରେ

360 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟରେ ଯୋଜନା ଓ ସଂଯୋଜନ ବୋର୍ଡର ଆବଶ୍ୟକତା ରହିଛି କି, ଏଥିରେ ବର୍ତ୍ତମାନ ସୁଦ୍ଧା କେତେ ଜଣ ସଦସ୍ୟ ରହିଛନ୍ତି, ଗତ 10 ବର୍ଷରେ କେତେ ଥର ରାଜ୍ୟ ସ୍ତରୀୟ ବୋର୍ଡର ବୈଠକ ବସିଛି, ଉକ୍ତ ବୈଠକ ଗୁଡିକର କେଉଁ କେଉଁ ଯୋଜନା ଗୁଡିକର ସଫଳ ରୂପାୟନ ନିମନ୍ତେ ଆଗତ ପ୍ରସ୍ତାବକୁ ଅନୁମୋଦନ ମିଳିଛି, ଏହାର ବର୍ଷୱାରୀ ବିସ୍ତୃତ ବିବରଣୀ ପ୍ରଦାନ କରିବେ କି ?

----

## Coast Canal Renovation ପାଇଁ ପଦକ୍ଷେପ

361 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ)ଃ**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- Coast Canal Renovation ଏବଂ ପୁନଃ ନିର୍ମାଣ ପାଇଁ ସରକାରଙ୍କର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେବେ କି ?

----

## ନୂଆ ରେଳ ଡିଭିଜନ ଖୋଲିବା ପାଇଁ ପ୍ରସ୍ତାବ

362 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ)ଃ**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଭଦ୍ରକ ରେଳ ଷ୍ଟେସନ ଖୋର୍ଦ୍ଧା ଡିଭିଜନର ଶେଷ ଏବଂ ଖଡଗପୁର ଡିଭିଜନର ଆରମ୍ଭ ତଥା ଖୋର୍ଦ୍ଧା ପରେ ରେଳ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ରେଳ କର୍ମଚାରୀମାନଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ସହିତ East Coast Railways ର ବହୁତ ଯାଗା ଓ ବାସଗୃହ ଥିବାରୁ ରାଜ୍ୟ ସରକାର ନୂଆ ଡିଭିଜନ ପାଇଁ ଦେଉଥିବା ପ୍ରସ୍ତାବରେ ଭଦ୍ରକ ରେଳ ଷ୍ଟେସନକୁ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବ ଦେବେ କି?

----

**Mega ପାନୀୟ ଜଳ ପ୍ରକଳ୍ପର ସ୍ଥିତି**

363 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ଭଣ୍ଡାରି ପୋଖରୀ ବ୍ଲକପାଇଁ Mega ପାନୀୟ ଜଳ ପ୍ରକଳ୍ପର ଅଦ୍ୟାବଧି ସ୍ଥିତି କଣ ଓ ଏହି ପ୍ରକଳ୍ପର କାର୍ଯ୍ୟ କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବ, ଏହି ପ୍ରକଳ୍ପ ଦ୍ୱାରା କେତେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଯାଇ ପାରିବ, (ଖ) ବୈତରଣୀ ନଦୀ ଉପରେ ଆଖୁଆପଦାଠାରେ In stream storage structure ର କାର୍ଯ୍ୟ କେବେ ଆରମ୍ଭ ହେବ ଓ କେବେ ସମ୍ପୂର୍ଣ୍ଣ ହେବ କହିବେ କି ?

----

**ଦାଦନ ଶ୍ରମିକ ସଂଖ୍ୟା ରୋକିବା ପାଇଁ ପଦକ୍ଷେପ**

364 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀପୋଖରୀ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଦାଦନ ଶ୍ରମିକଙ୍କ ସଂଖ୍ୟା ହ୍ରାସ ଓ ରୋକିବା ପାଇଁ ନେଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେବେ କି; ରାଜ୍ୟରୁ ବାହାରକୁ ଯାଇଥିବା ଦାଦନ ଶ୍ରମିକଙ୍କ ସଂଖ୍ୟା କେତେ; ଶ୍ରମ ଆଇନ ଅନୁଯାୟୀ ସେମାନଙ୍କୁ ସେମାନଙ୍କର ପ୍ରାପ୍ୟ ଓ ସୁବିଧା ସେଠାରେ ପାଉଛନ୍ତି କି ନାହିଁ, ତାହା କିଏ ଅନୁଧ୍ୟାନ କରୁଛି ଓ ଆଇନ ଖିଲାପକାରୀଙ୍କ ବିରୁଦ୍ଧରେ କିଏ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାର ଏକ ବିବରଣୀ ଦେବେ କି ?

----

**ଅନୁସୂଚିତ ଜନଜାତିଙ୍କ ମୁଣ୍ଡ ପିଛା ଆୟ**

365 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ଅନୁସୂଚିତ ଜନଜାତିଙ୍କ ମୁଣ୍ଡପିଛା ଆୟ ଗତ 10 ବର୍ଷରେ କେତେରୁ କେତେକୁ ବଢ଼ିଛି, ରାଜ୍ୟର ହାରାହାରି ମୁଣ୍ଡପିଛା ଆୟ ସହ ତାହାର ତୁଳନାତ୍ମକ ଚିତ୍ର ଦେବେ କି ?

----

**ଅନୁସୂଚିତ ଜନଜାତିଙ୍କ ଜମି ପରିମାଣ**

366 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː-

2012 ମସିହା ସୁଦ୍ଧା ରାଜ୍ୟରେ ଅନୁସୂଚିତ ଜନଜାତିଙ୍କ ଜମି ପରିମାଣ କେତେ ଥିଲା, ଏବେ ତାହା କେତେ; ଜନଜାତିଙ୍କ ଜମି ବିକ୍ରିରେ କଟକଣା ଥିବାବେଳେ ଜଙ୍ଗଲ ଜମି ଅଧିକାର (FRA) ଆଇନ 2006 ବଳରେ ସେମାନଙ୍କୁ ନିଜ ଦଖଲରେ ଥିବା ଜମିର ସତ୍ତ୍ୱ ମଧ୍ୟ ମିଳିଛି, ଏହା ସତ୍ତ୍ୱେ ସେମାନଙ୍କ ଜମି ପରିମାଣ ବର୍ଷକୁ ବର୍ଷ ହ୍ରାସ ପାଉଥିବା ସିଏଜି ଅଡ଼ିଟରୁ ଧରାପଡ଼ିବାର ଅସଲ କାରଣ କ'ଣ ଜଣାଇବେ କି ?

----

## ଭୂତଳ ଜଳ ଯୋଗୁଁ ବିଭିନ୍ନ ରୋଗରେ ଆକ୍ରାନ୍ତ

367 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː-

ରାଜ୍ୟର କେଉଁ କେଉଁ ଅଞ୍ଚଳର ଭୂତଳ ଜଳରେ ମାତ୍ରାଧିକ ଫ୍ଲୋରାଇଡ୍ ଓ ଆର୍ସେନିକ୍ ରହିଛି ଓ ଏଥି ଯୋଗୁଁ ସ୍ଥାନୀୟ ଲୋକେ କେଉଁ କେଉଁ ରୋଗରେ ଆକ୍ରାନ୍ତ, ସମ୍ପୃକ୍ତ ଅଞ୍ଚଳରେ ବିଶୁଦ୍ଧ ଜଳ ଯୋଗାଣ ଲାଗି ବିକଳ୍ପ ପଦକ୍ଷେପ କଣ ?

----

## ଅନ୍ୟ ରାଜ୍ୟକୁ ଯାଉଥିବା ଲୋକଙ୍କ ସଂଖ୍ୟା

368 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː-

ଅଧିକ ରୋଜଗାର ଆଶାରେ କେଉଁ ଜିଲ୍ଲାର କେତେ ଲୋକ ଭିଟାମାଟି ଛାଡି ଅନ୍ୟ ରାଜ୍ୟକୁ ଯାଉଛନ୍ତି, ଗତ ୫ ବର୍ଷର ପରିସଂଖ୍ୟାନ ଦେବେ କି, ପ୍ରବାସୀ ଶ୍ରମିକମାନେ କର୍ମସ୍ଥଳରେ ଭୋଗୁଥିବା ଅତ୍ୟାଚାର ଓ ଶୋଷଣ ସମ୍ପର୍କରେ କେତେ ଅଭିଯୋଗ ଆସିଛି ଏବଂ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସବିଶେଷ ଜଣାଇବେ କି ?

----

## ସାନ୍ତାଳୀ ଭାଷାର ବିକାଶ

369 **ଶ୍ରୀ ପ୍ରକାଶ ସୋରେନ୍ (ବାରିପଦା ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː-

ସାନ୍ତାଳୀ ଭାଷାର ବିକାଶ ପାଇଁ ରାଜ୍ୟ ସରକାର Expert Committee ଗଠନ କରିଥିବା ଖବର ସତ୍ୟ କି, ଯଦି ହଁ ତେବେ ଉକ୍ତ Expert Committee କେବେ ଗଠନ କରାଯାଇଛି ଏବଂ ଏହାର କାର୍ଯ୍ୟକାଳ କେତେ, Expert Committee ଦ୍ୱାରା ପ୍ରଦାନ କରାଯାଇଥିବା ରିପୋର୍ଟ ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ଅଦ୍ୟାବଧି କଣ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି, ଜଣାଇବେ କି ?

----

## Instructor ମାନଙ୍କ ଚାକିରୀ ନିୟମିତ କରିବାକୁ ପଦକ୍ଷେପ

370 **ଶ୍ରୀ ପ୍ରକାଶ ସୋରେନ୍ (ବାରିପଦା ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଆଦିବାସୀ ବହୁଳ ମୟୁରଭଞ୍ଜ ଜିଲ୍ଲାରେ ୨୦୦୭ ଏବଂ ୨୦୦୯ ମସିହାରେ ନିଯୁକ୍ତି ପାଇ ଥିବା Santali Language Instructors ଏବଂ Mundari Language Instructors ମାନଙ୍କର ଚାକିରୀ ନିୟମିତ କରଣ କରିବା ପାଇଁ ସରକାରଙ୍କ ଯୋଜନା ଅଛି କି, ଦୀର୍ଘ ୧୭ ବର୍ଷରୁ ଅଧିକ ଚାକିରୀ କରି ସାରିଥିବା ଉକ୍ତ Santali ଏବଂ Mundari Language Instructors ମାନଙ୍କୁ ମାନବିକ ଦୃଷ୍ଟିକୋଣରୁ ସେମାନଙ୍କର ଚାକିରୀ ନିୟମିତ କରଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି ?

----

## Stadium ନିର୍ମାଣ

371 **ଶ୍ରୀ ପ୍ରକାଶ ସୋରେନ୍ (ବାରିପଦା ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଆଦିବାସୀ ବହୁଳ ମୟୁରଭଞ୍ଜ ଜିଲ୍ଲାରେ ଅଦ୍ୟାବଧି କେତୋଟି ଷ୍ଟାଡିୟମ ଏବଂ ମିନିଷ୍ଟାଡିୟମ ନିର୍ମାଣ କରାଯାଇଛି, ଏହାର ଏକ ତାଲିକା ଗ୍ରାମପଞ୍ଚାୟତ ଓ ବ୍ଲକଓ୍ୱାରୀ ପ୍ରଦାନ କରିବେ କି, ଅଦ୍ୟାବଧି ଗ୍ରାମପଞ୍ଚାୟତ ସ୍ତରରେ ସମ୍ପୂର୍ଣ୍ଣ କିମ୍ବା ଆଦୌ ନିର୍ମାଣ ହୋଇନଥିବା ଗ୍ରାମ ପଞ୍ଚାୟତ ସ୍ତରରେ ମିନିଷ୍ଟାଡିୟମ ନିର୍ମାଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି ?

----

## ଆଇନ ପୁସ୍ତକଙ୍କୁ ସାନ୍ତାଳୀ ଭାଷାରେ ଅନୁବାଦ କରିବାକୁ ପ୍ରସ୍ତାବ

372 **ଶ୍ରୀ ପ୍ରକାଶ ସୋରେନ୍ (ବାରିପଦା ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଜନସାଧାରଣଙ୍କ ଦ୍ୱାରା ନିୟମିତ କାର୍ଯ୍ୟରେ ଆସୁଥିବା ବିଭିନ୍ନ ଆଇନ ପୁସ୍ତକ ଗୁଡିକ ସମ୍ବିଧାନ ସ୍ୱୀକୃତି ସାନ୍ତାଳୀ ଭାଷାରେ ଅନୁବାଦ କରି ପ୍ରକାଶିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି ?

----

## Mobile Tower ପ୍ରତିଷ୍ଠା ପାଇଁ ପଦକ୍ଷେପ

373 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂହା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ରାଜ୍ୟରେ ଟେଲିକମ ସେବା ଯୋଗେଇବା ପାଇଁ ମୋବାଇଲ Tower ପ୍ରତିଷ୍ଠା ନିମନ୍ତେ କେଉଁ କେଉଁ ଟେଲିକମ କମ୍ପାନୀକୁ କେତେ ଜମି ସରକାର ଯୋଗାଇଛନ୍ତି, ଜିଲ୍ଲାୱାରୀ, location ୱାରୀ, ଟେଲିକମ କମ୍ପାନୀ ୱାରୀ ତାଲିକା ଦେବେ କି, ଏହି ଜମି ଅଧିଗ୍ରହଣ କଲା ପରେ ଟେଲିକମ କମ୍ପାନୀମାନେ କେଉଁ ଠାରେ Tower ନିର୍ମାଣ କରିଛନ୍ତି ଓ ଆଉ କେତୋଟି Tower ନିର୍ମାଣ କରିବାକୁ ବାକି ଅଛି କମ୍ପାନୀ ୱାରୀ ତାର ତାଲିକା ଦେବେ କି, କେବେ ସୁଦ୍ଧା ବାକି ଥିବା Tower ନିର୍ମାଣ ହୋଇ କାର୍ଯ୍ୟକ୍ଷମ ହେବ ସ୍ପଷ୍ଟୀକରଣ ଦେବେ କି, (ଖ) "Digital India" କାର୍ଯ୍ୟକ୍ରମରେ ଓଡିଶାର ସ୍ଥିତିକୁ strengthen କରିବା ପାଇଁ ଓ ପ୍ରଶାସନକୁ ରାଜ୍ୟର ଜନସାଧାରଣଙ୍କ ପାଖରେ ଯୋଡିବା ପାଇଁ ଏବଂ ଜନସାଧାରଣଙ୍କ grievance କୁ ପଞ୍ଚାୟତ ସ୍ତର / ବ୍ଲକ ସ୍ତର / ସବଡିଭିଜନ ଓ ଜିଲ୍ଲା ସ୍ତର ସହ ରାଜ୍ୟ ସ୍ତରରେ ପହଞ୍ଚାଇବା ପାଇଁ ଓ social media ସାହାଯ୍ୟରେ ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ରାଜ୍ୟବାସୀଙ୍କ ପାଖରେ ପହଞ୍ଚାଇବା ନିମନ୍ତେ ଗ୍ରାମ ପଞ୍ଚାୟତ ସ୍ତରରୁ ଜିଲ୍ଲା ସ୍ତର ପର୍ଯ୍ୟନ୍ତ IT Cell ଖୋଲି IT Professional post ରେ ଓଡ଼ିଆ ଯୁବକ ଓ ଯୁବତୀଙ୍କୁ ନିଯୁକ୍ତି ଦେବାକୁ ପଦକ୍ଷେପ ଗ୍ରହଣ କରିବେ କି ?

----

## Weight Lifting କେନ୍ଦ୍ର ଖୋଲିବା ପାଇଁ ପ୍ରସ୍ତାବ

374 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂହା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ବଲାଙ୍ଗିର ଜିଲ୍ଲା ଜନସାଧାରଣଙ୍କ ଦାବୀ ଅନୁଯାୟୀ ପଶ୍ଚିମ ଓଡ଼ିଶାରେ ଖେଲୋ ଇଣ୍ଡିଆ ଯୋଜନାରେ ଭାରୋତ୍ତଳନ Event ର ପ୍ରସାର ପାଇଁ ବଲାଙ୍ଗିର କ୍ରୀଡା ଛାତ୍ରାବାସରେ ଏକ Weight Lifting କେନ୍ଦ୍ର ଖୋଲିବାକୁ ପତ୍ର ସଂଖ୍ୟା MLALo2023-24/ତା.13.04.2023(1) ପ୍ରସ୍ତାବ ଉପରେ କ'ଣ ପଦକ୍ଷେପ ନେଇଛନ୍ତି ସୃଷ୍ଟୀକରଣ ଦେବେ କି ?

----

## Instream Storage ପ୍ରକଳ୍ପ ପାଇଁ ପଦକ୍ଷେପ

375 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂହା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ଲୋଇସିଂହା ନିର୍ବାଚନ ମଣ୍ଡଳୀର କୁଟାସିଂହା ଠାରେ ଅଙ୍ଗନଦୀ ଉପରେ ପ୍ରସ୍ତାବିତ in stream storage ର ପ୍ରକଳ୍ପ ମୂଲ୍ୟ କେତେ ଓ ଏହି ପ୍ରକଳ୍ପ ଦ୍ୱାରା କେଉଁ କେଉଁ ବ୍ଲକର କେଉଁ କେଉଁ ଗ୍ରାମର କେତେ ପରିମାଣ ଜମିରେ ଜଳସେଚନ ସହ ପାନୀୟ ଜଳ ଯୋଗାଇ ଦିଆଯିବ ତା'ର ତାଲିକା ସହ କେବେ ସୁଦ୍ଧା ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ତଥ୍ୟ ଉପସ୍ଥାପନ କରିବେ କି, (ଖ) ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ଲୋୟର ସୁକତେଲ ଜଳ ସେଚନ ପ୍ରକଳ୍ପ ବ୍ୟତୀତ ଜଳସେଚନର ସୁବିଧା ପାଇଁ ନଦୀ ଓ ନାଳ ଉପରେ ନିର୍ମାଣ କରାଯାଇଥିବା ଚେକ ଡ୍ୟାମର ତାଲିକା ସହ ଏହି ପ୍ରକଳ୍ପର ପୁନରୁଦ୍ଧାର, ରକ୍ଷାବେକ୍ଷଣ ଓ ସ୍ଥିତିର ଉନ୍ନତି ନିମନ୍ତେ 2019-20 ଠାରୁ 2023-24 ପର୍ଯ୍ୟନ୍ତ କେତେ ପାଣ୍ଠି ବିନିଯୋଗ କରିଛନ୍ତି, ଭବିଷ୍ୟତ ପାଇଁ କ'ଣ ଯୋଜନା କରିଛନ୍ତି ସ୍ପଷ୍ଟୀକରଣ ଦେବେ କି ?

----

## ବିଜୁ ଯୁବବାହିନୀ ଯୋଜନାରେ ଅନିୟମିତତା

**376 ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂହା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) 2018-19 / 2019-20 ମସିହାରେ ବିଜୁ ଯୁବବାହିନୀକୁ ଦିଆଯାଇଥିବା ଟ 1,304,042,666 ଙ୍କା ମଧ୍ୟରୁ ବିଜୁ ଯୁବବାହିନୀ ଯୋଜନା ବନ୍ଦ ହେଲାପରେ 24/11/2022 ସୁଦ୍ଧା ରାଜ୍ୟର ବିଭିନ୍ନ ଜିଲ୍ଲା ଟ 1,044,759,504 ଙ୍କା ଖର୍ଚ୍ଚ କରି ବିନିଯୋଗ ପତ୍ର ଦେଇଥିବା ବେଳେ ଅବଶିଷ୍ଟ ଖର୍ଚ୍ଚ ହୋଇ ନ ଥିବା ଟ 259,283,162 ଙ୍କା ସହ ସୁଧର ପରିମାଣର ବର୍ତ୍ତମାନର ସ୍ଥିତି ସମ୍ବନ୍ଧରେ ଓ ଯୋଜନା ବନ୍ଦ ହେଲା ପରେ ମଧ୍ୟ back date ରେ ଖର୍ଚ୍ଚ ଦେଖାଇ U/C submit କରୁଥିବା ଅଭିଯୋଗ ଉପରେ ସବିଶେଷ ବିବରଣୀ ସହ ସ୍ପଷ୍ଟୀକରଣ ଦେବେ କି, (ଖ) ବଲାଙ୍ଗିର ଜିଲ୍ଲାରେ ଯୁବବାହିନୀ ଯୋଜନାରେ ଖର୍ଚ୍ଚ ହୋଇ ପାରି ନ ଥିବା ଟ 40,766,୨୨8 ଙ୍କା ସହ ସୁଧର ବର୍ତ୍ତମାନ ସ୍ଥିତିର ତଥ୍ୟ ଦେଇ କାହିଁକି ଟଙ୍କା ଖର୍ଚ୍ଚ ହୋଇ ପାରିଲା ନାହିଁ ଜଣାଇବେ କି ?

----

## ମାମଲାର ତ୍ୱରିତ ଫଇସଲା ପାଇଁ ପଦକ୍ଷେପ

**377 ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

କେଉଁ ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ଲକ୍ଷ୍ୟ ଆଧାରରେ ଜଳ ସଂରକ୍ଷଣ ପାଣ୍ଠି (Water Conservation Fund) ନାମରେ କର୍ପସ ଫଣ୍ଡ ଗଠନ ନିମନ୍ତେ କେବେ ନିଷ୍ପତ୍ତି ଗ୍ରହଣ କରିଥିଲେ ଓ କେବେ ବିଧବଦ୍ଧ ଭାବେ ସରକାର ଅନୁମୋଦନ ପ୍ରଦାନ କରି ବିଜ୍ଞପ୍ତି ପ୍ରକାଶ କରିଥିଲେ, Water Conservation Fund କାର୍ଯ୍ୟକାରୀ ନ ହେବାରୁ କି କି କ୍ଷତି କିମ୍ବା ବିକାଶ ବାଧାପ୍ରାପ୍ତ ହୋଇଛି, ସଂପୃକ୍ତ ବିଜ୍ଞପ୍ତିକୁ ବିରୋଧ କରି କେଉଁ କେଉଁ ମାନେ ମାନ୍ୟବର ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଛନ୍ତି, ସରକାରଙ୍କ ନିଷ୍ପତ୍ତିର କି କି ଦୋଷତ୍ରୁଟି ଦର୍ଶାଇ ମାମଲା ଦାୟର କରିଥିଲେ, କେବେଠାରୁ ଏହି ମାମଲା ବିଚାରାଧିନ ରହିଛି, ମାମଲାର ତ୍ୱରିତ ତଥା ଯଥାଶୀଘ୍ର ଫଇସଲା ପାଇଁ ସ୍ୱତନ୍ତ୍ର ପଦେକ୍ଷେପ ସଂପର୍କର ଅବଗତ କରିବେ କି ?

----

## ନଦୀଗର୍ଭ ଜଳାଶୟ ଯୋଜନା କାର୍ଯ୍ୟକାରୀ

**378 ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଜଳ ସଂରକ୍ଷଣ ପାଇଁ ଜଳସମ୍ପଦ ବିଭାଗ ଦ୍ୱାରା ୧୧ ହଜାର ୭୦୦ କୋଟି ଟଙ୍କା ବ୍ୟୟ ଅଟ୍ଟକଳରେ ନଦୀଗର୍ଭ ଜଳାଶୟ ନିର୍ମାଣ (Construction of In-stream storage structure ) ଯୋଜନାର ଅବଧି ୬ ବର୍ଷ (୨୦୧୯-୨୦ ରୁ ୨୦୨୪-୨୫) ଧାର୍ଯ୍ୟ କରାଯାଇଥିବା ସତ୍ୟ କି, ଯଦି ହଁ ତେବେ କେଉଁ ବର୍ଷରେ ଏବଂ କେଉଁ କେଉଁ ପର୍ଯ୍ୟାୟରେ କେଉଁ ନଦୀଗର୍ଭରେ କେତେଗୋଟି ଜଳାଶୟ ନିର୍ମାଣ କେତେ ବ୍ୟୟରେ ନିର୍ମାଣ କରାଯାଇ କେବେ ସୁଦ୍ଧା କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥିର ହୋଇଥିଲା, କେଉଁ କାରଣ ପାଇଁ କେଉଁ ପ୍ରକଳ୍ପ କାର୍ଯ୍ୟ କେତେ ବିଳମ୍ବ ହେଲା ଓ କେଉଁ ପ୍ରକଳ୍ପର ମୂଳ ବ୍ୟୟ ଅଟ୍ଟକଳ କେତେ ବୃଦ୍ଧି ହେବ, ପ୍ରକଳ୍ପଗୁଡିକର ବିଳମ୍ବିତ ପ୍ରକ୍ରିୟା ପାଇଁ କେଉଁ କେଉଁ ସ୍ତରରେ କାହାକୁ ଉତ୍ତରଦାୟୀ କରାଯିବ ତାହା କହିବା ସହ କେବେ ସୁଦ୍ଧା କେଉଁ ନଦୀଗର୍ଭ ଜଳାଶୟ ଯୋଜନା କାର୍ଯ୍ୟକାରୀ ହେବ ତାର ବିବରଣୀ ପ୍ରଦାନ କରିବେ କି ?

----

## ବେକାରୀ ହାର ହ୍ରାସପାଇଁ ପଦକ୍ଷେପ

379 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟ ସରକାରଙ୍କ ଦ୍ୱାରା " ନୂଆ ସୋପାନରେ ଓଡିଶା" ଶିରୋନାମାରେ ପ୍ରକାଶିତ ବିଜ୍ଞାପନ ଆଧାରରେ ଦେଶର ସର୍ବନିମ୍ନ ୦.୯% ବେକାରୀ ହାର ଓଡିଶାରେ ତଥ୍ୟ ସତ୍ୟ କି, ଯଦି ସତ୍ୟ ତେବେ ଓଡିଶାରେ ସମୁଦାୟ ବେକାରଙ୍କ ସଂଖ୍ୟା କେତେ; ବିଗତ ୧୦ ବର୍ଷ ମଧ୍ୟରେ କେଉଁ ବର୍ଷ ସମଗ୍ର ରାଜ୍ୟରେ ଏବଂ କେଉଁ ଜିଲ୍ଲାରେ ବେକାରୀ ହାର କେତେ ଥିଲା ତାର ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି; ସମ୍ପୃକ୍ତ ବେକାରୀଙ୍କୁ ନିଯୁକ୍ତି ଦେବା ପାଇଁ ସରକାର କି କି ଯୋଜନା କରିଛନ୍ତି, ଚଳିତ ବର୍ଷ ଶେଷ ସୁଦ୍ଧା କେଉଁ ଜିଲ୍ଲାରୁ କେତେ ଲୋକଙ୍କୁ ନିଯୁକ୍ତି ଦିଆଯାଇ ବେକାରୀ ହାର କେତେକୁ ହ୍ରାସ କରିବା ପାଇଁ ଯୋଜନା ରହିଛି ତାହା ପ୍ରକାଶ କରିବେ କି ?

----

## "ଖୁସି" ର ପରିମାପକ

380 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଜାତିସଂଘର ମାପଦଣ୍ଡକୁ ଆଧାର କରି ଦିଲ୍ଲୀ ସରକାର ବିଦ୍ୟାଳୟ ପାଠ୍ୟକ୍ରମର "ଖୁସି" ଏକ ବିଷୟ ଭାବେ ସାମିଲ କରିଥିବା ବେଳେ ମଧ୍ୟ ପ୍ରଦେଶ ରାଜ୍ୟର ଲୋକମାନଙ୍କର ଖୁସି ଜାଣିବା ପାଇଁ ଏକ ସ୍ୱତନ୍ତ୍ର ବିଭାଗକୁ ଦାୟିତ୍ୱ ଦେଇଥିବା ପରିପ୍ରେକ୍ଷୀରେ ଓଡିଶା ସରକାରଙ୍କର ଏ ସଂପର୍କରେ ଆଭିମୁଖ୍ୟ ଓ ପଦକ୍ଷପ କ'ଣ ତାହା ସ୍ପଷ୍ଟ ଭାବେ ଅବଗତ କରିବେ କି, (ଖ) "ଖୁସି" ର ପରିମାପକ କ'ଣ ? ତାହା ଜାଣିବା ପାଇଁ ରାଜ୍ୟରେ ଲୋକମାନଙ୍କ ବ୍ୟବସାୟିକ ଓ ଆର୍ଥିକ ସ୍ଥିତି, କାମଧନ୍ଦା ବା ରୋଜଗାର ମାଧ୍ୟମ ବ୍ୟବହୃତ ପ୍ରଯୁକ୍ତି ବିଦ୍ୟା, ସାମାଜିକ ସମସ୍ୟା, ଶିକ୍ଷା ବ୍ୟବସ୍ଥା ଓ ପାରିବାରିକ ବନ୍ଧନର ଦୃଢତା, ମାନସିକ ଶାନ୍ତି, ସ୍ୱାସ୍ଥ୍ୟ, ପରିବେଶ, ଖାଦ୍ୟ ଓ ଆଶ୍ରୟ, ସରକାରଙ୍କ ସରୂପ, ଆଇନଶୃଙ୍ଖଳା ପରିସ୍ଥିତି ଧର୍ମ ଓ ନ୍ୟାୟ ବ୍ୟବସ୍ଥା, ଗମନାଗମନ ବ୍ୟବସ୍ଥା, ନିୟୋଜନ ବ୍ୟବସ୍ଥାକୁ ମାପଦଣ୍ଡ ଆଧାରରେ ଖୁସିର ଗଣନା କରିବା ପାଇଁ ପଦକ୍ଷେପ ନେବେ କି ?

----

## କ୍ରୀଡା ଶିକ୍ଷକ ନିଯୁକ୍ତି

381 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ପ୍ରତିଷ୍ଠିତ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ମାନଙ୍କରେ କ୍ରୀଡା ଶିକ୍ଷକ (ଫିଜିକାଲ୍ ଏଜୁକେଶନ୍ ଟିଚର) ଙ୍କୁ କେଉଁ ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ଲକ୍ଷ୍ୟ ଆଧାରରେ ନିୟୋଜିତ କରାଯାଇଥାଏ, ରାଜ୍ୟରେ ସମୁଦାୟ ଥିବା ଶିକ୍ଷାନୁଷ୍ଠାନ ମାନଙ୍କରେ କେତେଗୋଟି ମଞ୍ଜୁରୀପ୍ରାପ୍ତ କ୍ରୀଡା ଶିକ୍ଷକ ପଦବୀ ରହିଛି, ସଂପୃକ୍ତ ପଦବୀ ମଧ୍ୟରୁ କେତେ ପଦବୀ ଖାଲି ରହିଛି, ଏବଂ ରାଜ୍ୟରେ ସମୁଦାୟ କେତେ କ୍ରୀଡା ଶିକ୍ଷକଙ୍କର ଆବଶ୍ୟକତା ରହିଛି ଓ ଆବଶ୍ୟକତା ଆଧାରରେ କେତେ ନିୟୋଜିତ ହୋଇଛନ୍ତି ତାହା କହିବେ କି, କ୍ରୀଡା ଶିକ୍ଷକଙ୍କୁ ତାଲିମ୍ ପ୍ରଦାନ ନିମନ୍ତେ କେଉଁ କେଉଁ ଠାରେ କେତେଗୋଟି ପ୍ରଶିକ୍ଷଣ / ତାଲିମ୍ ଶିକ୍ଷାନୁଷ୍ଠାନ ରହିଛି ; ସଂପୃକ୍ତ ଶିକ୍ଷାନୁଷ୍ଠାନର ମଞ୍ଜୁରୀପ୍ରାପ୍ତ ପଦବୀ ଓ ଖାଲିଥିବା ପଦବୀର ଏକ ତାଲିକା ପ୍ରଦାନ କରିବେ କି, କେଉଁ ଶିକ୍ଷାନୁଷ୍ଠାନରେ କେବେ ଠାରୁ କେଉଁ ପଦବୀ ଖାଲି ରହିଛି, ଖାଲିଥିବା ପଦବୀ ମଧ୍ୟରୁ ୨୦୨୩-୨୪ ବର୍ଷର କେଉଁ ମାସ ସୁଦ୍ଧା କେତେ ପଦବୀ ପୂରଣ କରାଯିବ ?

----

## କ୍ରସର ଚତୁର୍ପାର୍ଶ୍ୱରେ ବନୀକରଣ ବ୍ୟବସ୍ଥା

382 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ କେଉଁ କେଉଁ ଜିଲ୍ଲାରେ କେତେଗୋଟି କ୍ରସର ରହିଛି ଓ ସଂପୃକ୍ତ କ୍ରସର ମାନଙ୍କରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ସଂଖ୍ୟା କେତେ, କ୍ରସର ମାନଙ୍କରେ କାର୍ଯ୍ୟ କରୁଥିବା ଶ୍ରମିକ ମାନେ ବିପଦଜନକ ଜୀବିକା ନିର୍ବାହ କରୁଥିବା ପରିପ୍ରେକ୍ଷୀରେ କାର୍ଯ୍ୟରତ ଶ୍ରମିକ ମାନଙ୍କୁ ସୁରକ୍ଷା ନିମନ୍ତେ କି କି ବ୍ୟବସ୍ଥା ଓ ନୀତି ନିର୍ଦ୍ଧାରଣ କରାଯାଇଛି, ସଂପୃକ୍ତ ନୀତିକୁ ସଠିକ୍ ଭାବେ ଅନୁପାଳନ କରୁନଥିବା କେତେ କ୍ରସର କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହା ପ୍ରକାଶ କରିବେ କି, କ୍ରସର ପରିସରରେ ଧୂଳିର ବ୍ୟାପକତାକୁ ସଂପୂର୍ଣ୍ଣ ନିୟନ୍ତ୍ରଣରେ ରଖିବା ପାଇଁ କେତେ ସଂଖ୍ୟକ କ୍ରସର ଚତୁର୍ପାର୍ଶ୍ୱ ସୀମାରେ ବନୀକରଣ କରିନାହାନ୍ତି କହିବେ କି ?

----

## ଜଳସେଚନ ପ୍ରକଳ୍ପ ସଂଖ୍ୟା

383 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ବୃହତ୍ତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ସଂଖ୍ୟା କେତେ, ସଂପୃକ୍ତ କେଉଁ ପ୍ରକଳ୍ପ ମାଧ୍ୟମରେ କେତେ ଜମିକୁ ଜଳସେଚନ କରାଯିବାର ପ୍ରକଳ୍ପ ରିପୋର୍ଟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ଓ ସଂପ୍ରତି କେତେ ଜମିକୁ ପ୍ରକୃତରେ ଜଳସେଚନ ହେଉଅଛି, ଉପରୋକ୍ତ ପ୍ରକଳ୍ପ ମଧ୍ୟରୁ ୨୦୦୦ ମସିହାରୁ ନିର୍ମାଣ ହୋଇଥିବା ପ୍ରକଳ୍ପ ମଧ୍ୟରେ କେତେଗୋଟି ପ୍ରକଳ୍ପ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସଂପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ଅଛି ଓ କେତେ ଜମିକୁ ଜଳସେଚନ ବ୍ୟବସ୍ଥା ଥିବା ବେଳେ ପ୍ରକୃତରେ କେତେ ଜମିକୁ ଜଳସେଚନ ହେଉଅଛି ତାହା ପ୍ରକାଶ କରିବା ସହ ସଂପୃକ୍ତ କେଉଁ ପ୍ରକଳ୍ପର ମୂଳବ୍ୟୟ ଅଟ୍ଟକଳ କେତେ ପ୍ରତିଶତ ବୃଦ୍ଧି ହୋଇଅଛି ତାହା ପ୍ରକାଶ କରିବେ କି, ବ୍ୟୟ ଅଟ୍ଟକଳ ବୃଦ୍ଧି ଓ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ପ୍ରକଳ୍ପ ସଂପୂର୍ଣ୍ଣ ନହେବା ପାଇଁ କେଉଁ କେଉଁ ମାନଙ୍କୁ ଉତ୍ତରଦାୟୀ କରାଯାଇଛି ?

----

## ଯୋଜନା ପାଇଁ ଅର୍ଥ ମଞ୍ଜୁରୀ

384 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଯୋଜନା ଓ ସଂଯୋଜନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଅଣତାରକା ପ୍ରଶ୍ନ ସଂଖ୍ୟା ୯୮୮ ତା ୦୧.୧୨.୨୦୨୨ ରିଖର ଉତ୍ତର ପରିପ୍ରେକ୍ଷୀରେ କେଉଁ ଯୋଜନା କାର୍ଯ୍ୟକାରୀ ବର୍ଷରୁ ଚଳିତ ବର୍ଷ ମଧ୍ୟରେ କେଉଁ ବର୍ଷ କେତେ ଅର୍ଥ ବଜେଟ୍‌ରେ ମଞ୍ଜୁର କରାଯାଇଥିଲା ଓ କେତେ ଅର୍ଥ ବ୍ୟୟ ହୋଇଛି ସେ ସମ୍ପର୍କରେ ସରକାର ଅବଗତ ଅଛନ୍ତି କି, ଯଦି ଅବଗତ ଅଛନ୍ତି ତେବେ ତାର ଯୋଜନା ଓ ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି, (ଖ) ଯୋଜନା ଗୁଡିକର ମୂଲ୍ୟାୟନ କରିବା ପାଇଁ କି କି ବ୍ୟବସ୍ଥା ରହିଛି ଓ ସଂପୃକ୍ତ ବ୍ୟବସ୍ଥାକୁ କିଭଳି ଓ କେଉଁ ମତେ ଏବଂ କେତେ ଅନ୍ତରରେ ଉପଯୋଗ କରାଯାଇଥାଏ ତାହା ପ୍ରକାଶ କରିବେ କି?

----

## ଜଙ୍ଗଲ ଜମି ପଟ୍ଟା ପ୍ରଦାନ

385 **ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ସରକାରଙ୍କର 2006 ଆଇନ ଅନୁସାରେ କେତେ ଆଦିବାସୀ ମାନଙ୍କୁ ଏ ପର୍ଯ୍ୟନ୍ତ ଜଙ୍ଗଲ ଜମି ପଟ୍ଟା ଯୋଗାଇ ଦିଆଯାଇଛି କେତେ ଦରଖାସ୍ତ ପଡିଛି କେତେ ଆଦିବାସୀ ଏପର୍ଯ୍ୟନ୍ତ ଜଙ୍ଗଲ ଜମି ପଟ୍ଟା ପାଇ ନାହାଁନ୍ତି ଜଙ୍ଗଲ ଜମି ପଟ୍ଟା ପାଇନଥିବା ବ୍ୟକ୍ତିଙ୍କୁ କେବେ ସୁଦ୍ଧା ପଟ୍ଟା ଯୋଗାଇ ଦିଆଯିବ ?

----

## ଜଳ ସେଚନ ସୁବିଧା ପ୍ରଦାନ

386 **ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାୟଗଡା ଜିଲ୍ଲାରେ କୃଷି କାର୍ଯ୍ୟ ପାଇଁ ସରକାରଙ୍କ ଘୋଷଣା ନାମା ଅନୁସାରେ ବର୍ତ୍ତମାନ କେତେ ଚାଷ ଜମିକୁ ସରକାର ଜଳସେଚିତ କରିଛନ୍ତି କେତେ ଜମିରେ ଜଳସେଚିତ ହୋଇ ନାହିଁ ତାର Panchayat Wise ତାଲିକା ଦେବା ସହିତ ଜଳସେଚିତ ହୋଇ ନଥିବା ଜମିକୁ କେବେ ସୁଦ୍ଧା ଜଳସେଚନର ସୁବିଧା ଯୋଗାଇ ଦିଆଯିବ କହିବେ କି ?

----

## ପଛୁଆ ବର୍ଗର ବିକାଶ

387 **ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆ ବର୍ଗର ବିକାଶ ପାଇଁ ସରକାର ଯେଉଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି ସେଥିରେ ବର୍ତ୍ତମାନ ୯ଟି ଜିଲ୍ଲାକୁ ସଂପୃକ୍ତ କରିଥିଲେ ମଧ୍ୟ ଅନ୍ୟ ଜିଲ୍ଲା ଗୁଡିକୁ ଅନୁସୂଚିତ, ଜାତି, ଜନଜାତି ଓ ପଛୁଆ ବର୍ଗର ବିକାଶ ପାଇଁ କେବେ ସୁଦ୍ଧା ସାମିଲ କରିବେ ?

----

## କାର୍ଯ୍ୟାଳୟ ଖୋଲିଥିବା ଆଇଟି କମ୍ପାନୀର ସଂଖ୍ୟା

388 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ବର୍ତ୍ତମାନ ସୁଦ୍ଧା ଓଡିଶାକୁ କେତୋଟି ଆଇଟି କମ୍ପାନୀ ଆସି ସେମାନଙ୍କର କାର୍ଯ୍ୟାଳୟ ଖୋଲିଛନ୍ତି ଓ ଏଥିରେ କେତେ ସଂଖ୍ୟକ ଓଡିଆ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେଇଛନ୍ତି ଏହାର ଏକ ବର୍ଷ ଓ କମ୍ପାନୀୱାରୀ ବିବରଣୀ ପ୍ରଦାନ କରିବେ ଏହି IT Company ଗୁଡିକ ଗତ ପାଞ୍ଚ ବର୍ଷରେ ଓଡିଶାରୁ କେତେ ପରିମାଣରେ IT ବ୍ୟବସାୟ କରିଛନ୍ତି ଓ ଏଥିରୁ ଓଡିଶାକୁ କେତେଲାଭ ମିଳିଛି ଏହି ସମସ୍ତର ଏକ କମ୍ପାନୀୱାରୀ ବିବରଣୀ ପ୍ରଦାନ କରିବା ସହିତ ଓଡିଶାକୁ ଆସିଥିବା କମ୍ପାନୀ ଗୁଡିକୁ ରାଜ୍ୟ ସରକାର କି ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି ତାହାର ଏକ ବିବରଣୀ ପ୍ରଦାନ କରିବେ ?

----

## ଅନୁସୂଚିତ ଜାତି ଓ ଜନଜାତିଙ୍କ ସଂଖ୍ୟା

389 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟ ସରକାରଙ୍କ ସର୍ବଶେଷ ଆକଳନ ଅନୁଯାୟୀ ଓଡିଶାର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସଂଖ୍ୟା କେତେ ଏହି ଦୁଇ ବର୍ଗରେ କେତେ ସଂଖ୍ୟକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି ଏବଂ ଏହି ସମ୍ପ୍ରଦାୟ ଭିତରେ ଉଭୟ ପୁରୁଷ ଓ ମହିଳା ସାକ୍ଷରତା ହାର କେତେ ରହିଛି ସମଗ୍ର ରାଜ୍ୟରେ ଏହି ବର୍ଗର ଲୋକମାନଙ୍କ ବିକାଶ ନିରାପତ୍ତା ପାଇଁ ପେଶା ଆଇନକୁ ସରକାର ପଞ୍ଚାୟତ ସ୍ତରରେ ଲାଗୁ କରିବେ କି ?

----

## ଅନ୍ୟତ୍ର ଚାଲିଯାଇଥିବା ଲୋକଙ୍କ ମଧ୍ୟରୁ ମୃତ୍ୟୁବରଣ କରିଥିବା ଶ୍ରମିକଙ୍କ ସଂଖ୍ୟା

୨୨୦ **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ କାମଧନ୍ଦା ନପାଇ ଅନ୍ୟତ୍ର ଚାଲି ଯାଇଥିବା ଲୋକଙ୍କ ମଧ୍ୟରୁ 2014 ମସିହାଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କେଉଁ ବର୍ଷ କେତେ ସଂଖ୍ୟକ ଶ୍ରମିକ ମୃତ୍ୟୁବରଣ କରିଛନ୍ତି ଓ ନିର୍ଯ୍ୟାତିତ ହୋଇଛନ୍ତି ତାହାର ବିବରଣୀ ପ୍ରଦାନ କରିବେ କି ଓଡିଶା ବାହାରେ ଅତ୍ୟାଚାରର ଶିକାର ହୋଇ ମୃତ୍ୟୁ ଓ ନିର୍ଯ୍ୟାତନା ବରଣ କରୁଥିବା ଓଡିଆ ଶ୍ରମିକଙ୍କ ପରିବାର ଲାଗି ରାଜ୍ୟ ସରକାର କେତେ ପରିମାଣ ର କ୍ଷତିପୂରଣ ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ଗତବର୍ଷ ଓଡିଶାରୁ କେତେ ସଂଖ୍ୟକ ଶ୍ରମିକ ଅନ୍ୟରାଜ୍ୟକୁ ଓ ବିଦେଶକୁ କାମଧନ୍ଦା ଅନ୍ୱେଷଣରେ ଯାଇଛନ୍ତି ତାହାର ଏକ ବିବରଣୀ ପ୍ରଦାନ କରିବେ କି ?

----

## ଥଇଥାନ ଯୋଜନାରେ ଅର୍ଥରାଶି ପ୍ରଦାନ

୨୨୧ **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

କେନ୍ଦୁଝର ଜିଲ୍ଲା ର ରାମିଆଳ ନଦୀବନ୍ଧ ଯୋଜନା ଦ୍ୱାରା କ୍ଷତିଗ୍ରସ୍ତ ପରିବାର ଗୁଡିକ ଯଥା ତେଲକୋଇ ବ୍ଲକ ର କାଳିଆହତା G.P. ବଳଭଦ୍ର ପୁର G.P., ବୁରୁ ଯୋଡା G.P., କାଳିଆ ହତା, ରେକୁଟି, ବାଦବିଲ, ଶୋରିଷ ପାଳ, ଏବଂ ଢେଙ୍କାନାଳ ଜିଲ୍ଲାର କାନ୍ତୋଲ G.P., ମାଣ୍ଡିଆ ପଡା ଗ୍ରାମର ସମୁଦାୟ ୬୧ (ଛଷଠି) ଜଣ ପରିବାର କୁ ଚିହ୍ନଟ କରିସାରିବା ପରେ ଥଇଥାନ ସୁବିଧା ଯୋଜନା ବାବଦ ଅର୍ଥରାଶି ଏ ପର୍ଯ୍ୟନ୍ତ ନ ମିଳିବାର କାରଣ କଣ ?

----

## ଜମି ବିକ୍ରୟ ପାଇଁ ପଦକ୍ଷେପ

୨୨୨ **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ପୁରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଙ୍କ ସମସ୍ତ ଜମି ବିକ୍ରୟକରି ଜାତୀୟକରଣ ବ୍ୟାଙ୍କରେ ସ୍ଥାୟୀ ଜମା ପାଇଁ ୧୯୭୪ ମସିହାରେ ସରକାରଙ୍କ ନିର୍ଦ୍ଦେଶନାମା ଥିବା ଅନୁସାରେ ଅଦ୍ୟାବଧି କେତେ ଜମି ବିକ୍ରୟ ହୋଇଛି, କେଉଁ ମୌଜାରୁ ଏବଂ କେତେ ଅର୍ଥ ଜମା ରଖାଯାଇଛି ଏବଂ ବର୍ତ୍ତମାନ କେଉଁ ମୌଜାରୁ ଜମି ବିକ୍ରି ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି ଏହାର ସବିଶେଷ ବିବରଣୀ ଦେବେ କି ?

----

## ମୁଖଶାଳାର ମରାମତି କାର୍ଯ୍ୟ

393 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଯାଜପୁର ଜିଲ୍ଲା ଶକ୍ତି ପିଠ ମା' ବିରଜା ମନ୍ଦିର ପରିସର ରେ ଅବସ୍ଥିତ ଓ ଗଙ୍ଗେଶ୍ୱର ମହାଦେବ ମନ୍ଦିର ର ମୁଖଶାଳା ସଙ୍କୁଚିତ ହୋଇଥିବାରୁ ପୂଜକ ବହୁତ ଅସୁବିଧାରେ ସମ୍ମୁଖିନ ହୋଇଛନ୍ତି ତାକୁ ଖନନ ଓ ମରାମତି ପାଇଁ ନିର୍ଦ୍ଦେଶ ଦେବେ କି ?

----

## Tender List ପ୍ରଦାନ

394 **ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲୀ (ଜଗତସିଂହପୁର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

Jagatsinghpur ଜିଲ୍ଲାରେ ଥିବା Mahanadi South Divn. ଅଧିନରେ କେଉଁ କେଉଁ କାମ କେତେ ଅର୍ଥରେ କାହା ନାମରେ କେଉଁଠାରେ ବିଭାଗୀୟ Divn. ଓ Sub-Divn. ସ୍ତରରେ Tender ପ୍ରକ୍ରିୟାରେ ହୋଇଛି ତା'ର list in detail 2019 ଅପ୍ରିଲ ୦ଠାରୁ 2024 ଜାନୁଆରୀ ପର୍ଯ୍ୟନ୍ତ ପ୍ରଦାନ କରିବେ କି ?

----

## Bill Payment ପାଇଁ ପଦକ୍ଷେପ

395 **ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲୀ (ଜଗତସିଂହପୁର):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

2019 ଅପ୍ରେଲ ମାସରୁ 2023 ଡିସେମ୍ବର ମଧ୍ୟରେ (Jgp) ଜଗତସିଂହପୁର ଜଳସେଚନ ଡିଭିଜନ୍ ଅନ୍ତର୍ଗତ Division ଓ Sub-Division ସ୍ତରରେ କେତେ କାମ, କେଉଁ କାମ, କେତେ ଅର୍ଥରେ, କାହା ନାମରେ, ବିଭାଗୀୟ tender ପ୍ରକ୍ରିୟା ମାଧ୍ୟମରେ ହୋଇଅଛି ତା'ର List ଦେବେ କି, ସେଥିମଧ୍ୟରୁ କେଉଁ କେଉଁ କାର୍ଯ୍ୟର Bill Payment ବାକି ରହିଛି ?

----

## ବ୍ରିଜ୍ ନିର୍ମାଣ ପାଇଁ ପଦକ୍ଷେପ

396 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ପୁରୀ ଜିଲ୍ଲା ଗୋପ ବ୍ଲକ ଅଧିନସ୍ଥ ଯୋଗେଶ୍ୱରପୁର ଗ୍ରାମ ନିକଟରେ ଥିବା Branch Canal ଠାରେ ଏକ ବ୍ରିଜ୍ ନିର୍ମାଣ କଲେ ଦିଘାଳ, ମହାନ୍ତି ସାହି, ମଲ୍ଲିକ ସାହି, ଭୋଇ ସାହି ଇତ୍ୟାଦି ଗ୍ରାମର ହାରାହାରି ଦଶହଜାର ଲୋକ କୃଷିଜାତ ଦ୍ରବ୍ୟ ପରିବହନ ଓ ଯାତାୟତ ସୁବିଧା ପାଇଁ ବିଭାଗ ନିକଟରେ ଅନୁରୋଧ କଲେ ମଧ୍ୟ ବ୍ରିଜ ନିର୍ମାଣ ନ କରିବାର କାରଣ କ'ଣ, ନିର୍ଦ୍ଦିଷ୍ଟ ଭାବେ କେବେସୁଦ୍ଧା ସେଠାରେ ବ୍ରିଜ ନିର୍ମାଣ କରାଯିବ ଜଣାଇବେ କି ?

----

## ଜବରଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ

୩୯୭ **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଭୁବନେଶ୍ୱର ଧଉଳି ପଞ୍ଚାୟତ ସାଧୁବିହାର ସଂଲଗ୍ନ କେନାଲକୁ ଜନସାଧାରଣ ଜବରଦଖଲ କରିବା ସତ୍ୟ କି, ଉକ୍ତ ଜବରଦଖଲ ବିଷୟରେ କେତେଥର ବିଧାନସଭା ପ୍ରଶ୍ନ ହୋଇଛି, ବିଭାଗ ତରଫରୁ ଆଜି ପର୍ଯ୍ୟନ୍ତ କ'ଣ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି, କେବେସୁଦ୍ଧା ଜବରଦଖଲ ଉଚ୍ଛେଦ ହେବ ନିର୍ଦ୍ଦିଷ୍ଟ ଭାବେ ଜଣାଇବେ କି ?

----

## ସଂସ୍କାର ଆଣିବା ପାଇଁ ପଦକ୍ଷେପ

୩୯୮ **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

Physical Handicraft ହିତାଧିକାରୀ ପିଲାମାନଙ୍କୁ ସେମାନଙ୍କର ଯାତାୟତର ସୁବିଧା ପାଇଁ certificate ଖୋର୍ଦ୍ଧା ରୋଡ DRM Office ରେ ଥିବା କାର୍ଯ୍ୟାଳୟରେ କାର୍ଯ୍ୟରତ ଅଧିକାରୀ/ କର୍ମଚାରୀଙ୍କର ଖରାପ ବ୍ୟବହାର ଯୋଗୁଁ ହିତାଧିକାରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଏଣୁ ଏଥିରେ ସଂସ୍କାର ଆଣିବା ପାଇଁ ଆଦେଶ ଦେବେ କି ?

----

## ରତ୍ନ ଭଣ୍ଡାର ଖୋଲିବା ସମ୍ପର୍କରେ

୩୯୯ **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ସତ୍ତ୍ୱେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ରତ୍ନ ଭଣ୍ଡାର ନ ଖୋଲି ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ସମୟ ନେଉଥିବା ସତ୍ୟ ଅଟେ କି, ଉତ୍ତର 'ହଁ' ହେଲେ ଏ ସମ୍ପର୍କରେ ବିଳମ୍ବ କରାଇବାରେ ବାସ୍ତବ କାରଣ କ'ଣ, କେବେସୁଦ୍ଧା ରତ୍ନ ଭଣ୍ଡାର ଖୋଲି ମହାପ୍ରଭୁଙ୍କର ଗଚ୍ଛିତ ଥିବା ରତ୍ନ ଅଳଙ୍କାର ହିସାବ ନିକାସ କରିବା ସହ ରତ୍ନ ଭଣ୍ଡାରର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରାଇବେ ସେ ସମ୍ପର୍କୀତ ବାସ୍ତବ ତଥ୍ୟ ପ୍ରଦାନ କରିବେ କି ?

----

## ଲକ୍ଷ୍ମୀ ବସ୍ ଚଳାଚଳ ପାଇଁ ପଦକ୍ଷେପ

400 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର)ः**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ः-

(କ) ରଣପୁର ନିର୍ବାଚନ ମଣ୍ଡଳୀର ରଣପୁର ଗଡ ଦ୍ଵିତୀୟ ଶ୍ରୀକ୍ଷେତ୍ରର ମାନ୍ୟତା ସହ ମା' ମଣୀନାଗ ପୀଠ ଓ ଅନେକ ଦର୍ଶନୀୟ ସ୍ଥାନ ପାଇଁ ଏହା ଓଡିଶାର ଏକ ସ୍ଵତନ୍ତ୍ର ପର୍ଯ୍ୟଟନ ସ୍ଥଳ ଭାବେ ମହିମା ମଣ୍ଡନ କରୁଅଛି, ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ ବିଭାଗ ଦ୍ଵାରା ରଣପୁର ଗଡରୁ ଶ୍ରୀକ୍ଷେତ୍ର ପୁରୀକୁ ଉଭୟ ନୂଆ ଜଗନ୍ନାଥ ସଡକ ଓ Capital ଭୁବନେଶ୍ୱର ଦେଇ ଯାତ୍ରୀବାହି ବସ୍ ଯୋଗାଇଦେଇ ଜନସାଧାରଣଙ୍କର ଆଶା ଆକାଂକ୍ଷାକୁ ପୂରଣ କରିବେ କି ; (ଖ) ରଣପୁର ବ୍ଲକର ବନ୍ଧମୁଣ୍ଡା ପଞ୍ଚାୟତ ଏକ ଆଦିବାସୀ ବହୁଳ ଅଞ୍ଚଳ, ଗମନା ଗମନ ସୁବିଧା ପାଇଁ ରଣପୁର ଠାରୁ ଗୋପାଳପୁର, ଚାନ୍ଦପୁର ଦେଇ ଏକ ସରକାରୀ ବସ୍ (ମୋ ବସ୍ ଲକ୍ଷ୍ମୀ) ବ୍ୟବସ୍ଥା କରିବେ କି?

----

## ଜଳ ଭଣ୍ଡାରର ଉନ୍ନତିକରଣ

401 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର)ः**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ः-

ରଣପୁର ନିର୍ବାଚନ ମଣ୍ଡଳୀର ଉଭୟ ରଣପୁର ଓ ଓଡଗାଁ ବ୍ଲକରେ କ୍ଷୁଦ୍ର ଜଳସେଚନ ଯୋଜନା ପାଇଁ କେତୋଟି ବନ୍ଧ ଅଛି, ଉକ୍ତ ଜଳ ଭଣ୍ଡାରରୁ ଉତ୍ପାଦିତ ଜଳ ଚାଷଜମି ମାନଙ୍କର ଆବଶ୍ୟକତାକୁ ପୁରଣ କରିପାରୁନଥିବାରୁ ଉକ୍ତ ଜଳ ଭଣ୍ଡାର ଗୁଡିକର ଉନ୍ନତିକରଣ କିମ୍ଵା ନୂତନ ଜଳ ଉତ୍ସର ବ୍ୟବସ୍ଥା ପାଇଁ ବର୍ତ୍ତମାନ ସରକାରଙ୍କ ପାଖରେ କିଛି ବିଧିବଦ୍ଧ ଯୋଜନା ଅଛି କି, ଯଦି ଉତ୍ତର 'ହଁ' ହୁଏ, ଏହା କେବେସୁଦ୍ଧା କାର୍ଯ୍ୟକାରୀ ହେବ ?

----

## M.I.P. ପାଇଁ ବ୍ୟୟ ଅଟ୍ଟକଳ

402 **ଶ୍ରୀ ରଘୁନାଥ ଗମାଙ୍ଗ (ଗୁଣୁପୁର)ः**

**ଜଳ ସମ୍ପଦ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ः-

ଗୁଣୁପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ 5ଟି ବ୍ଲକରେ ଯଥାଃ- ଗୁଣୁପୁର, ପଦ୍ମପୁର, ରାମନାଗୁଡା, ଗୁଡାରୀ, ଚନ୍ଦ୍ରପୁର 2022-23 ବର୍ଷରେ କେଉଁ କେଉଁ ଯାଗାରେ ଏବଂ କେତେ ବ୍ୟୟ ଅଟ୍ଟକଳରେ M.I.P. ହେଉଛି ଏବଂ କେତୋଟି ଜାଗାରେ M.I.P. ହେବାର Project ରହିଛି ଏହାର ବ୍ଲକୱାରୀ ତଥ୍ୟ ଜଣାଇବେ କି ?

----

## ପଦୋନ୍ନତି ପ୍ରଦାନ

403 **ଶ୍ରୀ ଅଙ୍ଗଦ କହଁର (ଫୁଲବାଣୀ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟ ସରକାରଙ୍କ ଅଧିନରେ କାର୍ଯ୍ୟରତ ସଂରକ୍ଷିତ ବର୍ଗର କର୍ମଚାରୀ ମାନଙ୍କୁ ସମ୍ବିଧାନ ୪5ତମ ସଂଶୋଧନ ଅନୁସାରେ Consequential Seniority ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି କି, ଯଦି 'ହଁ' ତେବେ ସରକାର ସଂରକ୍ଷିତ ବର୍ଗର କର୍ମଚାରୀ ମାନଙ୍କୁ ପଦୋନ୍ନତିରେ consequential seniority ପ୍ରଦାନ ନ କରିବାର କାରଣ କ'ଣ, 28.01.2022 ରେ ସର୍ବୋଚ୍ଚ ଅଦାଲତ ଏହି ବ୍ୟବସ୍ଥାକୁ ପ୍ରଚଳିତ କରିବା ପାଇଁ ଦେଇଥିବା ରାୟକୁ ସରକାର ସମ୍ମାନ ଦେବେ କି, ରାଜ୍ୟ ସରକାର ସଂରକ୍ଷିତ କର୍ମଚାରୀ ମାନଙ୍କୁ Natural seniority ଅଥବା consequential seniority ମଧ୍ୟରୁ କୌଣସି ପ୍ରକାରର seniority ପ୍ରଦାନ କରିବା ପାଇଁ ପଦକ୍ଷେପ ନେବେ କି ?

----